୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.83 Bhubaneswar Tuesday May 07 2024 | ୨୬ତମ ବର୍ଷ ସଂଖ୍ୟା–୮୩ ଭୁବନେଶ୍ୱର, ମଙ୍ଗଳବାର, ମଇ ୦୭, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ଏଥର ରାଜ୍ୟରେ ହେବ ଡବଲ ଇଞ୍ଜିନ ସରକାର; ମୋଦୀ





ଭୁବନେଶ୍ୱର,୬।୫(ପି.ଏନ): ଏଥର ଓଡିଶାରେ ବିଜେଡି ଯିବ ଓ ବିଜେପି ଆସିବ। ପ୍ରଥମ ଥର ରାଜ୍ୟରେ ହେବ ଡବଲ ଇଂଜିନ ସରକାର। ବିଧାନସଭାରେ ବିଜେପିକୁ ବମ୍ପର ବିଜୟ ମିଳିବ। ବିଜେପିର ବିଜୟରେ ଓଡିଶାକୁ ନୂଆ ଶକ୍ତି ଓ ନୂଆ ନେତୃତ୍ୱ ମିଳିବ। ଜୁନ୍ ୪ରେ ବିଜେଡି ସରକାର ଏକ୍ସପାୟାରୀ ହେବ ଓ ୧୦ ତାରିଖରେ ବିଜେପିର ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ। ଫଳରେ ଡବଲ ଇଂଜିନ ସରକାର ଓଡିଶା ବିକାଶକୁ ନୂଆ ଗତି ଦେବ। ଓଡିଶାର ସମସ୍ତ ୨୧ ଲୋକସଭା ସିଟ୍‌ରେ ପଦ୍ମ ଫୁଟିବ। ବିଜେପିର ପ୍ରଚାର ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରହ୍ମପୁର ଓ ନବରଙ୍ଗପୁରରେ ଆୟୋଜିତ ନିର୍ବାଚନୀ ସଭାରେ ଉଦବୋଧନ ଦେଇ ଏହା କହିଛନ୍ତି। ମୋଦି କହିଛନ୍ତି, ଓଡିଶାର ପୁଅ କିମ୍ବା ଝିଅ ମୁଖ୍ୟମନ୍ତ୍ରୀ ହେବେ । କୌଣସି ବାହାର ଲୋକ ଏଠାରେ ମୁଖ୍ୟମନ୍ତ୍ରୀ ହେବେନି। ଓଡିଶାର ସଂସ୍କୃତିକୁ ଯିଏ ମଥାରେ ଧାରଣ କରିବେ,ସେ ହେବେ ମୁଖ୍ୟମନ୍ତ୍ରୀ। ଯିଏ ଓଡିଶା ଲୋକଙ୍କୁ ଜାଣିଥିବେ, ବୁଝିଥିବେ, ସେ ହିଁ ଏହି ପଦରେ ବସିବେ। ରାଜ୍ୟ ସରକାରଙ୍କ ଉପରେ ବର୍ଷି ମୋଦି କହିଛନ୍ତି, କେନ୍ଦ୍ରର ଯୋଜନାକୁ ବିଜେଡି ସରକାର ଲାଗୁ କରୁନି। ଯାହା ଲାଗୁ କରୁଛନ୍ତି, ସେଥିରେ ନିଜ ଷ୍ଟାମ୍ପ ପିଟି ଦେଉଛନ୍ତି। ବହୁତ ହୋଇଗଲା, ଆପଣମାନେ ଚାହିଁଲେ ଆଉ ବିଜେଡିର ଗଡବଡି ଚାଲିପାରିବନି। ଓଡିଶାରେ ବିଜେପି ସରକାର ହେବ, ସାଧାରଣ ଲୋକଙ୍କୁ ସବୁ ସୁବିଧା ମିଳିବ । ବିଜେଡି ୨୫ ବର୍ଷ ଭିତରେ ଆପଣଙ୍କ କିଛି ବି ଅସୁବିଧା ଦୂର କରିନି। ଯିଏ ଆପଣଙ୍କ ପାଇଁ କିଛି କରିନି, ସେ କାହିଁକି ରହିବ ବୋଲି ପ୍ରଶ୍ନ ପଚାରିଛନ୍ତି ପ୍ରଧାନମନ୍ତ୍ରୀ। ଏପରିକି ଉଦାହରଣ ଦେବାକୁ ଯାଇ ସେ କହିଛନ୍ତି, ଛତିଶଗଡରେ ବିଜେପି ସରକାର ଧାନ କୁଇଣ୍ଟାଲ ପିଛା ଚାଷୀକୁ ୩୧ଶହ ଟଙ୍କା ଦେଉଛନ୍ତି। ମାତ୍ର ଓଡିଶାରେ କୁଇଣ୍ଟାଲ ପିଛା ୨୧ଶହ ଟଙ୍କାରେ ଧାନ କିଣାଯାଉଛି। ବିଜେପି ସରକାର ଆସିଲେ ଧାନ ୩୧ଶହ ଟଙ୍କାରେ କିଣାଯିବ। ଏଠାକାର ଯୁବକଙ୍କୁ ରୋଜଗାର ପାଇଁ ବାହାରକୁ ଯିବାକୁ ପଡୁଛି। ମାତ୍ର ବିଜେପି ଆସିଲେ ଓଡିଶାରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ସେ କହିଛନ୍ତି ଯେ ମୁଁ କାହାକୁ ଦୁର୍ନୀତି କରିବାକୁ ଦେବିନି। ଯିଏ ଦୁର୍ନୀତି କରିବ, ଆପଣମାନଙ୍କ ଟଙ୍କା ଖାଇବ, ସେ ଜେଲ୍ ଯିବା ଥୟ। ଓଡିଶାର ହଜାର ହଜାର ବର୍ଷର ସଂସ୍କୃତି, କଳା, ଐତିହ୍ୟକୁ ମୁଁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ସର୍ବଦା ଚେଷ୍ଟିତ । ଗତ ବର୍ଷ ଆୟୋଜିତ ଜି-୨୦ ସମ୍ମିଳନୀ ପାଇଁ ବିଶ୍ୱର ବଡ ବଡ ନେତା ନୂଆଦିଲ୍ଲୀ ଆସିଥିଲେ। ସେତେବେଳେ ସ୍ଥାପିତ କୋଣାର୍କ ଚକ୍ର ସମ୍ମୁଖରେ ସମସ୍ତେ ଫଟୋ ଉଠାଇଥିଲେ। ଯେପରି କାଶୀନାଥ କରିଡର ହୋଇଛି, ଅଯୋଧ୍ୟା ରାମ ମନ୍ଦିର ଭବ୍ୟ ରୂପ ଧାରଣ କରିଛି, ସେହିପରି ଜଗନ୍ନାଥ ମନ୍ଦିରକୁ ବି ଭବ୍ୟ କରିବି ବୋଲି କହିଛନ୍ତି ମୋଦି। ନବରଙ୍ଗପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମାବେଶରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ । ମୋଦିଙ୍କ ଗୋଟିଏ ଝଲକ ପାଇଁ ଅସହ୍ୟ ତାତିରେ ବି ସଭାସ୍ଥଳରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଲୋକଙ୍କ ତୁଳନାରେ ସଭା ସ୍ଥଳ ଛୋଟ ପଡି ଯାଇଥିଲା, ଫଳରେ ବହୁ ଲୋକ ବାହାରେ ଛିଡା ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏହାପୂର୍ବରୁ, ବ୍ରହ୍ମପୁରର କନିଷ୍ଠିଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିଲେ ମୋଦୀ। ସଭା ଆରମ୍ଭରେ ପ୍ରଧାନମନ୍ତ୍ରୀ ଜୟ ଜଗନ୍ନାଥ କହି ତାଙ୍କର ଅଭିଭାଷଣ ଆରମ୍ଭ କରିଥିବା ବେଳେ ଜୟ ଶ୍ରୀରାମ ମଧ୍ୟ କହିଛନ୍ତି। ସେ କହିଛନ୍ତି, ପ୍ରଭୁ ରାମଲାଲାଙ୍କ ମନ୍ଦିର ମୋଦି ନିର୍ମାଣ କରିନାହାନ୍ତି, ଆପଣମାନଙ୍କ ଭୋଟ୍ ନିର୍ମାଣ କରିଛି। ଜଗନ୍ନାଥ ଭୂମିକୁ ଆପଣମାନଙ୍କ ଆଶୀର୍ବାଦ ପାଇଁ ଆସିଛି। ଏହା ପରେ ମୋଦି କହିଛନ୍ତି, ଓଡ଼ିଶାରେ ପ୍ରଥମଥର ଡବଲ ଇଞ୍ଜିନ ସରକାର ହେବ। ବିଜେଡି ସରକାରର ଏକ୍ସପାଏରୀ ଡେଟ୍ ଜୁନ୍ ୪ ପର୍ଯ୍ୟନ୍ତ ଅଛି। ରାଜ୍ୟରେ ଭାଜପା ସରକାର ଏଥର ଗଠନ ହେବ ଏବଂ ଓଡ଼ିଶାରେ ବିକାଶର ନୂଆ ଧାରା ପ୍ରବାହିତ ହେବ ବୋଲି ସେ କହିଥିଲେ।

## ସିଲିଭର ସିଟିରେ ପ୍ରବଳ ବର୍ଷା: କୁଆପଥର ବର୍ଷା ସାଙ୍ଗକୁ ବଦଳିଲା ପାଗ

କଟକ,୬।୫(ପି.ଏନ): ସାରା ରାଜ୍ୟରେ କଲବଲ କରୁଥିବା ଅସହ୍ୟ ତାତିରୁ ମୁକ୍ତି ପାଇଛି ଟ୍ୱିନ ସିଟି । ଆଜି ଅପରାହ୍ଣରେ ପାଗ ବଦଳିବା ସହ ତାପମାତ୍ରାରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି । ତେବେ ସିଲଭର ସିଟି କଟକରେ ପ୍ରବଳ ବର୍ଷା ଦେଖିବାକୁ ମିଳିଛି । ପ୍ରବଳ ବର୍ଷା ହେବା ଫଳରେ କଟକରେ ତାତିରୁ ଆଶ୍ୱସ୍ତି ମିଳିଛି । ତେବେ ବର୍ଷା ସହ କୁଆପଥର ବର୍ଷା ମଧ୍ୟ ରେକର୍ଡ କରାଯାଇଛି । କଟକ ସମେତ ଭୁବନେଶ୍ୱର ଏବଂ ଗଞ୍ଜାମର ବିଭିନ୍ନ ଅଞ୍ଚଳରେ ମଧ୍ୟ ବର୍ଷା ଏବଂ କୁଆପଥର ବର୍ଷା ହୋଇଛି । ଭଞ୍ଜନଗରରେ କୁଆପଥର ବର୍ଷା ଏବଂ ପବନରେ ଗଛ ଭାଙ୍ଗି ଏଣେତେଣେ ପଡିଥିବା ଦେଖିବାକୁ ମିଳିଛି ।

## ପ୍ରବଳ ଗରମରୁ ମିଳିବ ତ୍ରାହି ମିଳିବ, ୧୨ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ

ଭୁବନେଶ୍ୱର୬।୫(ପି.ଏନ): ପ୍ରବଳ ଗ୍ରୀଷ୍ମପ୍ରବାହ ପରେ ଆସନ୍ତା କିଛିଦିନ ରାଜ୍ୟବାସୀଙ୍କୁ ଗରମରୁ ତ୍ରାହି ମିଳିବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଭାଗର ବୁଲେଟିନ ଅନୁସାରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଛି ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ଲାଞ୍ଜିଗଡ ବର୍ଦ୍ଧିତ ଶକ୍ତି ଦକ୍ଷତା ପାଇଁ ଉନ୍ନତ ଶକ୍ତି ପରିଚାଳନା ବ୍ୟବସ୍ଥାକୁ ନିୟୋଜିତ କଲା ବେଦାନ୍ତ

କଳାହାଣ୍ଡି,୬।୫(ପି.ଏନ): ଲାଞ୍ଜିଗଡ ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ ଆଲୁମିନା ଉତ୍ପାଦକ ଏହାର ୟୁନିଟରେ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରେ ଉନ୍ନତ ଶକ୍ତି ପରିଚାଳନା ବ୍ୟବସ୍ଥା ଗ୍ରହଣ କରିଛି । ଏହା ୧୨୦ଟି ଜଟିଳ ବୈଦ୍ୟୁତିକ ସମ୍ପତ୍ତିର କାର୍ଯ୍ୟଦକ୍ଷତା ମାପଦଣ୍ଡ ଉପରେ ନଜର ରଖିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା ପ୍ଲାଣ୍ଟରେ ଶକ୍ତି ଦକ୍ଷତାର ବିକାଶ ହୋଇପାରିବ। ଏହା ଏକ ଉନ୍ନତ ଡିଜିଟାଲାଇଜେସନ ପ୍ରୟାସ ଯାହାକି ବର୍ଦ୍ଧିତ କାର୍ଯ୍ୟକ୍ଷମ ଅପ୍ଟିମାଇଜେସନ ଓ ରିଫାଇନାରୀ କାର୍ଯ୍ୟର ସ୍ୱୟଂ ଚାଳିତ ବୃଦ୍ଧି ଘଟାଇବ । ଜଟିଳ ପରିଚାଳନା ଗୁଡିକର ବ୍ୟବସ୍ଥିତ ମନିଟରିଂ, ବିଶ୍ଳେଷଣ ଓ ଅପ୍ଟିମାଇଜେସନ ନିଶ୍ଚିତ କରିବାକୁ ଶକ୍ତି ପରିଚାଳନା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଯାହା ସାମଗ୍ରିକ ଶକ୍ତି ଦକ୍ଷତାକୁ ଆଗେଇ ନେଇଥାଏ ଓ କେନ୍ଦ୍ରୀୟ ଡାଟାବେସର କାର୍ଯ୍ୟକୁ ସୁଗମ କରିଥାଏ ।

## କେଜ୍ରିୱାଲଙ୍କ ବିରୋଧରେ ହେବ ଘଓଇ ତଦନ୍ତ! ସୁପାରିସ କଲେ ଉପ ରାଜ୍ୟପାଳ

ଭୁବନେଶ୍ୱର,୬।୫(ପି.ଏନ): ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ ତଦନ୍ତ କରିପାରେ। କେଜ୍ରିୱାଲ ଓ ଆପ ସରକାର ବିରୋଧରେ ଏନଆଇଏ ତଦନ୍ତ କରିବାକୁ ଆଜି ଦିଲ୍ଲୀର ଉପ ରାଜ୍ୟପାଳ ଭିକେ ସକ୍ସେନା ସୁପାରିସ କରିଛନ୍ତି। ବ୍ୟାନ ହୋଇଥିବା ଆମେରିକା ଭିତ୍ତିକ ଖଲିସ୍ତାନୀ ଗ୍ରୁପ ଶିଖ ଫର ଜଷ୍ଟିସ ଠାରୁ କେଜ୍ରିୱାଲ ଓ ଆପ ସରକାର ପାଣ୍ଠି ପାଇଥିବା ଅଭିଯୋଗ ଆସିବା ପରେ ଉପ ରାଜ୍ୟପାଳ ଏପରି ସୁପାରିସ କରିଛନ୍ତି।ଉପ ରାଜ୍ୟପାଳଙ୍କ ସଚିବ ଦେଇଥିବା ସୂଚନାରେ କୁହାଯାଇଛି ଯେ ଭିକେ ସକ୍ସେନାଙ୍କ ପାଖକୁ ଗୋଟିଏ ଅଭିଯୋଗ ଆସିଥିଲା। ଏଥିରେ କୁହାଯାଇଥିଲା ଯେ ଖଲିସ୍ତାନୀ ସପକ୍ଷବାଦୀ ଗ୍ରୁପ ଠାରୁ ଆପ ୧୬ ମିଲିୟନ ଡଲାର ପାଇଛି। ୧୯୯୩ ମସିହା ଦିଲ୍ଲୀ ବିସ୍ଫୋରଣର ଦୋଷୀ ତଥା ଆତଙ୍କବାଦୀ ଦେବେନ୍ଦ୍ର ପାଲ ଭୁଲ୍ଲାରକୁ ଛାଡିବା ପାଇଁ ଏପରି ପାଣ୍ଠି ମିଳିଛି।



## ଭୁବନେଶ୍ୱରରେ ଅବତରଣ କରିପାରିଲାନି ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

ଭୁବନେଶ୍ୱର,୬।୫(ପି.ଏନ): ଭୁବନେଶ୍ୱରରେ ଅବତରଣ କରିପାରିଲାନି ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର । ଖଡିଆଳରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରୁଥିଲେ । ତେବେ କାଳବୈଶାଖୀ ଯୋଗୁଁ ଭୁବନେଶ୍ୱରରେ ଅବତରଣ କରିପାରିନଥିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର । ଭୁବନେଶ୍ୱର ଆକାଶରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଅଧଘଣ୍ଟା ଉଡିଥିଲା । ଏହାପରେ ଝାରସୁଗୁଡା ଯାଇଥିଲା ହେଲିକପ୍ଟର । ସେଠାରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଜରୁରୀ ଅବତରଣ କରିଥିଲା । ଏହି ହେଲିକପ୍ଟରରେ ମୁଖ୍ୟମନ୍ତ୍ରୀଙ୍କ ସହ କାର୍ତ୍ତିକ ପାଣ୍ଡିଆନ ଥିବାବେଳେ ଉଭୟ ସୁରକ୍ଷିତ ଅଛନ୍ତି ।



## ନିର୍ବାଚନ ଆଚରଣ ଆଦର୍ଶ ବିଧି ଲାଗୁ ସତ୍ତ୍ୱେ ଏସବୁ ନିର୍ମାଣ କାର୍ଯ୍ୟକୁ ଅନୁମତି ଦେଲେ ନିର୍ବାଚନ ଆୟୋଗ

ଭୁବନେଶ୍ୱର,୬।୫(ପି.ଏନ): ବର୍ତ୍ତମାନ ନିର୍ବାଚନ ଆଚରଣ ଆଦର୍ଶ ବିଧି ଲାଗୁ ହୋଇଥିବା ବେଳେ ଭାରତୀୟ ନିର୍ବାଚନ ଆୟୋଗ ଅନୁଗୋଳ –ସମ୍ବଲପୁର ସେକ୍ସନ ଏନଏଚ୍-୫୫ର କିଛି କାର୍ଯ୍ୟ, ସମ୍ବଲପୁରର ଅଇଁଠାପାଲି ଠାରେ ୩.୫ କିଲୋମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ ଫ୍ଲାଏ ଓଭର ଏବଂ ସମ୍ବଲପୁର ଜିଲ୍ଲାର ଜାତୀୟ ରାଜପଥ-୫୩ରେ ୨ ଲେନ୍ ବିଶିଷ୍ଟ ରୋଡ୍ ଓଭର ବ୍ରିଜ କାମ ପାଇଁ ଅନୁମତି ଦେଇଛନ୍ତି । ଖୁବ ଶୀଘ୍ର ରାସ୍ତାର ସମ୍ପ୍ରସାରଣ କାମ ଆରମ୍ଭ ହେବ । ଅନୁଗୋଳ –ସମ୍ବଲପୁର ସେକ୍ସନର କିଛି କାର୍ଯ୍ୟ ପାଇଁ ୨୦୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ସମ୍ବଲପୁରର ଅଇଁଠାପାଲି ଠାରେ ୬ ଲେନ୍ ବିଶିଷ୍ଟ ଫ୍ଲାଏ ଓଭର ଓ ସମ୍ବଲପୁର ଜିଲ୍ଲାର ଜାତୀୟ ରାଜପଥ-୫୩ରେ ୨ ଲେନ୍ ବିଶିଷ୍ଟ ରୋଡ୍ ଓଭର ବ୍ରିଜ କାମ ପାଇଁ ୩୭୪.୧୭ କୋଟି ଟଙ୍କା ମଞ୍ଜୁର ହୋଇସାରିଛି ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତବର୍ଷ ନଭେମ୍ବର ୨୮ ତାରିଖରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କୁ ଏ ନେଇ ଚିଠି ଲେଖିଥିଲେ । ସେ ପତ୍ରରେ ଉଲ୍ଲେଖ କରଥିଲେ ଜାତୀୟ ରାଜପଥ-୫୩ ବରାଇପାଲି ଛକ ଓ ଅଇଁଠାପାଲି ଦେଇ ଝାରସୁଗୁଡା, ଦେବଗଡ ଓ ସମ୍ବଲପୁର ସହରକୁ ଯୋଗାଯୋଗ କରୁଥିବା ବେଳେ ଫ୍ଲାଏ ଓଭରର ବ୍ୟବସ୍ଥା ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଥିଲେ ।ଚିଠି ପ୍ରାପ୍ତ ପରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଚଳିତବର୍ଷ ମାର୍ଚ୍ଚ ୧୨ ତାରିଖରେ ସମ୍ବଲପୁରର ଅଇଁଠାପାଲି ଠାରେ ୩.୫ କିଲୋମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ ଫ୍ଲାଏ ଓଭର ଏବଂ ସମ୍ବଲପୁର ଜିଲ୍ଲାର ଜାତୀୟ ରାଜପଥ-୫୩ (ପୂର୍ବରୁ ଜାତୀୟ ରାଜପଥ-୬)ରେ ୨ ଲେନ୍ ବିଶିଷ୍ଟ ରୋଡ୍ ଓଭର ବ୍ରିଜ (ଏଲ୍‌ଏଚ୍‌ଏସ୍) ନିର୍ମାଣ ପାଇଁ ୩୭୪.୧୭ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଦେଶର ସଡ଼କପଥ ସମେତ ସମସ୍ତ ଭିତ୍ତିଭୂମିକୁ ମଜଭୂତ୍ କରିବା 'ମୋଦୀ ଗ୍ୟାରେଣ୍ଟି' ହୋଇଛି । ଅନୁଗୋଳ –ସମ୍ବଲପୁର ସେକ୍ସନର କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଫ୍ଲାଏ ଓଭର ଅଇଁଠାପାଲି ଛକରେ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ସହ ଏନଏଚ୍-୫୩ରେ ଓଭର ବ୍ରିଜ୍ ନାଗରିକଙ୍କ ଯାତାୟତକୁ ଆହୁରି ଅଧିକ ସୁଗମ କରିବ । ଲୋକଙ୍କ ଯିବା ଆସିବା ସୁରକ୍ଷିତ ହେବ । ସ୍ଥାନୀୟ ଅଞ୍ଚଳରେ ଶିଳ୍ପ କ୍ଷେତ୍ରର ବିକାଶ ହେବା ସଙ୍ଗେସଙ୍ଗେ ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶରେ ଦ୍ରୁତ ଅଭିବୃଦ୍ଧି ହେବ ।

## ବଦ୍ରିଙ୍କୁ ସୌମ୍ୟ କହିଲେ- ବେଷ୍ଟ ଅଫ୍ ଲକ୍, ମୋତେ ଆଶୀର୍ବାଦ କର



ଭୁବନେଶ୍ୱର,୬।୫(ପି.ଏନ): ଓଡିଶା ରାଜନୀତିରେ ଆଜି ଏକ ରୋଚକ ଚିତ୍ର ଦେଖିବାକୁ ମିଳିଥିଲା। ନାମାଙ୍କନ ଦାଖଲ ବେଳେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ପାଖାପାଖି ବସିଥିଲେ। ଆଉ ଜଣେ ଅନ୍ୟ ଜଣଙ୍କୁ ଆଶୀର୍ବାଦ ଦେବାକୁ କହିଥିଲେ। ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ। କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନମଣ୍ଡଳୀରେ ବିଧାୟକ ହେଉଛନ୍ତି ବଦ୍ରିନାରାୟଣ ପାତ୍ର। ସେ ୨୦୦୯ ମସିହାରୁ ୨୦୧୯ ପର୍ଯ୍ୟନ୍ତ ଲଗାତାର ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହେଉଛନ୍ତି। ତାଙ୍କ ବୟସ ଏବେ ପ୍ରାୟ ୮୦ ଅତିକ୍ରମ କଲାଣି। ତଥାପି ସେ ଏଥର ବିଜେଡିରୁ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଠିକ୍ ସେମିତି ବିଜେଡିରୁ ନିଲମ୍ବିତ ହୋଇଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ଏଥର ଘସିପୁରାରୁ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଅର୍ଥାତ ବଦ୍ରି ଓ ସୌମ୍ୟ ଘସିପୁରାରୁ ପ୍ରାର୍ଥୀ ହୋଇଛନ୍ତି।

## ଫୁଲବାଣୀରେ କିଏ ମାରିବ ବାଜି ?

ଭୁବନେଶ୍ୱର,୬।୫(ପି.ଏନ): କନ୍ଧମାଳ ଜିଲ୍ଲାରେ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ଅଛି। ଫୁଲବାଣୀ, ଜି. ଉଦୟଗିରି ଏବଂ ବାଲିଗୁଡ଼ା । ଏହି ୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ଫୁଲବାଣୀର ସ୍ୱତନ୍ତ୍ର ପରିଚୟ ରହିଛି । ଏଠାକାର ଭୋଟର ସର୍ବଦା ବିକାଶକୁ ଗୁରୁତ୍ୱ ଦେଇଆନ୍ତି। ଏକଦା କଂଗ୍ରେସର ଗଡ଼ କୁହାଯାଉଥିବା ଫୁଲବାଣୀ ନିର୍ବାଚନମଣ୍ଡଳୀ ଏବେ ବିଜେଡିର ଅଭେଦ୍ୟ ଗଡ଼ରେ ପାଲଟିଛି ।ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀଟି ଫୁଲବାଣୀ, ଚକାପାଦ, ଖଜୁରିପଡ଼ା ଓ ଫିରିଙ୍ଗିଆ ବ୍ଲକକୁ ନେଇ ଗଠିତ । ଏଠାରେ ଭୋଟର ସଂଖ୍ୟା ୧ ଲକ୍ଷ ୯୬ ହଜାର କ୍ଷ ୨୦୦୯ରେ ବିଜେଡିର ଦେବେନ୍ଦ୍ର କହଁର ୩୮ ହଜାର ୯୨ ଭୋଟ ପାଇ ବିଜୟୀ ହୋଇଥିଲେ। ବିଜେପିର ଦେବ ନାରାୟଣ ପ୍ରଧାନଙ୍କୁ ୨୯ ହଜାର ୩୬୩ ଏବଂ କଂଗ୍ରେସର ଜଳନ୍ଧର କହଁରଙ୍କୁ ୨୩ ହଜାର ୬୬୯ ଭୋଟ ମିଳିଥିଲା କ୍ଷ ୨୦୧୪ରେ ବିଜେଡିର ଦୁଗୁନି କହଁର ୫୮ ହଜାର ୨୭୩ ଭୋଟ ପାଇ ଜିତିଥିଲେ। ବିଜେପିର ଦେବ ନାରାୟଣ ପ୍ରଧାନଙ୍କୁ ୩୨ ହଜାର ୪୭୮ ଏବଂ କଂଗ୍ରେସର ସୁଦର୍ଶନ କହଁରଙ୍କୁ ୨୧ ହଜାର ୫୧୦ ଭୋଟ ମିଳିଥିଲା କ୍ଷ ୨୦୧୯ରେ ବିଜେଡିର ଅଙ୍ଗଦ କହଁର ୬୫ ହଜାର ୫୬୪ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ। ବିଜେପିର ଦେବ ନାରାୟଣ ପ୍ରଧାନଙ୍କୁ ୪୧ ହଜାର ୧୪୮ ଓ କଂଗ୍ରେସର କିଶୋର କହଁରଙ୍କୁ ୨୩ ହଜାର ୩୧୭ ଭୋଟ ମିଳିଥିଲା। ଚଳିତ ନିର୍ବାଚନରେ ବିଜଡିରୁ ଜୟଶ୍ରୀ କହଁର, କଂଗ୍ରେସରୁ ପ୍ରତିଭା କହଁର ଏବଂ ବିଜେପିରୁ ଉମାଚରଣ ମଲ୍ଲିକଙ୍କୁ ଟିକେଟ ମିଳିଛି । ୨୦୦୪, ୨୦୦୯, ୨୦୧୪ ଏବଂ ୨୦୧୯ରେ ଫୁଲବାଣୀରେ ବିଜେଡି ବାଜିମାତ୍ କରିଥିଲା। ଏଥର ପୁଣି ଜିତିବା ଲକ୍ଷ୍ୟରେ ରହିଛି । ବିକାଶକୁ ମୁଦ୍ଦା କରିଛି ବିଜେଡି। ସେହିଭଳି ବିଜେପି କେନ୍ଦ୍ରର ଜନହିତକର କାର୍ଯ୍ୟକୁ ଆଗରେ ରଖି ନିର୍ବାଚନୀ ବୈତରଣୀ ପାର୍ ହେବା ପାଇଁ ଲକ୍ଷ୍ୟ ରଖିଛି। ଚାଷୀଙ୍କ ସମସ୍ୟାକୁ ମୁଖ୍ୟ ମୁଦ୍ଦା କରିଛି କଂଗ୍ରେସ।

## ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ହଟହଟା ହେଲେ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର,୬।୫(ପି.ଏନ): ବ୍ରହ୍ମପୁରରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ହଟହଟା ହେଲେ ଖୋଦ୍ ବିଜେପିର ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ । ପ୍ରଦୀପଙ୍କୁ ଭାଷଣ ଦେବାକୁ ବି ଦେଲେନି ରାଜ୍ୟ ସଭାପତି ମନମୋହନ ସାମଲ। ଉଦବୋଧନ ଦେବାବେଳେ ପ୍ରଦୀପଙ୍କୁ ଅଧାରୁ ଅଟକାଇଦେଲେ ମନମୋହନ। ଏଭଳି ଦୃଶ୍ୟ ଏବେ ଭାଇରାଲ ହେଉଥିବାବେଳେ ଦଳରେ ପ୍ରଦୀପଙ୍କ ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଛି। ବ୍ରହ୍ମପୁରକୁ ଖୋଦ ପ୍ରଧାନମନ୍ତ୍ରୀ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଆସିଥିଲେ। ପ୍ରଦୀପ ପାଣିଗ୍ରାହୀ ହେଉଛନ୍ତି ବିଜେପିର ବ୍ରହ୍ମପୁରପ୍ରାର୍ଥୀ। ପ୍ରଧାନମନ୍ତ୍ରୀ ସଭାରେ ବସିଥିବାବେଳେ ପ୍ରଦୀପ ଭାଷଣ ଦେବାକୁ ପୋଡିୟମ ନିକଟକୁ ଆସିଥିଲେ। ହେଲେ ହଠାତ ରାଜ୍ୟ ସଭାପତି ମନମୋହନ ସାମଲ ଆସି ତାଙ୍କୁ ଭାଷଣ ଦେବାକୁ ମନା କରିଥିଲେ। ଫଳରେ ପ୍ରଦୀପ ଭାଷଣ ନଦେଇ ଫେରିଯାଇଥିଲେ। ଯାହାଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରଚାର କରିବାକୁ ଆସିଥିଲେ ସିଏ ଭାଷଣ ନଦେବା ଦଳରେ ତାଙ୍କର ମୂଲ୍ୟନଥିବା ସହ ସମାନ ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।

## କୋ-ବ୍ରାଣ୍ଡେଡ୍ ଏମ୍-ଟେକ୍ ପ୍ରୋଗ୍ରାମ ପାଇଁ କିଟ୍ ଓ କେପିଆଇଟି ଟେକ୍ନୋଲୋଜି ମଧ୍ୟରେ ବୁଝାମଣା




ଭୁବନେଶ୍ୱର, ୬।୫(ପି.ଏନ): କୋ-ବ୍ରାଣ୍ଡେଡ୍ ଏମ୍-ଟେକ୍ ପ୍ରୋଗ୍ରାମ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଭାରତର ଅଟୋମୋଟିଭ୍ ସଫ୍ଟୱେର କ୍ଷେତ୍ରରେ ଅଗ୍ରଣୀ ଅନୁଷ୍ଠାନ କେପିଆଇଟି ଟେକ୍ନୋଲୋଜି ଲିମିଟେଡ୍ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ପରବର୍ତ୍ତୀ ପିଢ଼ିର ପ୍ରାଦ୍ୟୋଗିକି ବିଶେଷଜ୍ଞ ତିଆରି କରିବା ପାଇଁ ଅଟୋମୋଟିଭ୍ ଇଲେକ୍ଟ୍ରୋନିକ୍ସ ଓ ସଫ୍ଟୱେର ଦିଗରେ ଉଭୟ ଅନୁଷ୍ଠାନର ଏହା ଏକ ଅନନ୍ୟ ପ୍ରୟାସ। ଏହି ସହଯୋଗ ଯୋଗୁଁ କେପିଆଇଟିର ଅଟୋମୋଟିଭ ଟେକ୍ନୋଲୋଜିରେ ଶିଳ୍ପ-ଅଗ୍ରଣୀ କ୍ଷମତା ଓ କିଟ୍‌ର ଅତ୍ୟାଧୁନିକ ଶିକ୍ଷା ଢାଞ୍ଚା ମିଶ୍ରଣରେ ପରବର୍ତ୍ତୀ ବିଶେଷଜ୍ଞ ତିଆରି ହୋଇପାରିବେ। ଏହି ପ୍ରୟାସକୁ ଶୁଭେଚ୍ଛା ଜଣାଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ପ୍ରତିଭା ବ୍ୟବଧାନ ଦୂରକରିବା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ଡିଜିଟାଲ୍ ବୃତ୍ତିଧାରୀଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବା ଦିଗରେ ଶିଳ୍ପ ସହିତ ସହଭାଗୀ ହେବା ପାଇଁ ଆମ ନିକଟରେ ଯଥେଷ୍ଟ ବୌଦ୍ଧିକ ପୁଞ୍ଜି ଓ ପ୍ରତିଭା ରହିଛି। କେପିଆଇଟି ଟେକ୍ନୋଲୋଜି ଲିମିଟେଡ୍‌ର ସହ-ପ୍ରତିଷ୍ଠାତା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ କିଶୋର ପାଟିଲ ଏହି ବୁଝାମଣାର ବିଭିନ୍ନ ସକାରାତ୍ମକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଭାରତରେ କିଟ୍ ଭଳି ଅଗ୍ରଣୀ ବିଶ୍ୱବିଦ୍ୟାଳୟ ସହ ବୁଝାମଣା କରିବା କେପିଆଇଟି ପକ୍ଷରେ ଅନନ୍ୟ। ଆମେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ତାଲିମ ପ୍ରଦାନ କରି ଭବିଷ୍ୟତ ପିଢ଼ିର ଅଟୋମୋଟିଭ ଟେକ୍ନୋଲୋଜି ବୃତ୍ତିଧାରୀ ତିଆରି କରିବା ନେଇ ବେଶ ଉତ୍ସାହିତ ବୋଲି ଶ୍ରୀ ପାଟିଲ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏଭଳି ଶିକ୍ଷ-ଶିକ୍ଷାନୁଷ୍ଠାନ ସହଯୋଗିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଲେ, ସଂପ୍ରତି ଅଟୋମୋଟିଭ୍ ଶିଳ୍ପ ଓ ସଫ୍ଟୱେର ଟେକ୍ନୋଲୋଜି ବିଶ୍ୱର ରୂପ ପରିବର୍ତ୍ତନ କରିଦେଇଛି। ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମିଳିତ ଭାବେ ଏହି କାର୍ଯ୍ୟ କଲେ ଉତ୍ତମ ପ୍ରତିଭା ସୃଷ୍ଟି ହୋଇପାରିବେ ବୋଲି ସେ କହିଥିଲେ।




# ଓଡ଼ିଆ ଜାତୀୟତାବୋଧର ପରାକାଷ୍ଠା: ପ୍ରଥମ ସ୍ୱାଧୀନତା ସଂଗ୍ରାମୀର ବଳିଦାନ ଓ ନିଷ୍ଠା

**ବିପ୍ଳବୀ ବୀର ରାମ ସିଂହ:** ସେ ଇଂରେଜମାନଙ୍କ ଦ୍ୱାରା ଧରାପଡି ମୃତ୍ୟୁଦଣ୍ଡ ପାଇଥିଲେ। ତାଙ୍କ ଗ୍ରାମ ନାମ ଉଲ୍ଲେଖ ନାହିଁ। **ବିପ୍ଳବୀ ନାଥ ପ୍ରଧାନ:** ସେ ଇଂରେଜମାନଙ୍କ ଦ୍ୱାରା ଧରାପଡି ମୃତ୍ୟୁଦଣ୍ଡ ପାଇଥିଲେ।

**ବିପ୍ଳବୀ ନରସିଂହ ପାଇକରାୟ:** ସେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହରେ ନେତୃତ୍ୱ ନେଇଥିଲେ। ଇଂରେଜମାନଙ୍କ ଦ୍ୱାରା ଧରାପଡି ମୃତ୍ୟୁଦଣ୍ଡ ପାଇଥିଲେ। **ପଦ୍ମନାଭ ଛୋଟରାୟ:** ସେ ପାଇକ ବିଦ୍ରୋହର ଜଣେ ପ୍ରମୁଖ ବିପ୍ଳବୀ ଥିଲେ। ଭୁବନେଶ୍ୱର ବଡଗଡ଼ର ଅଧିବାସୀ ଥିଲେ। ତାଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆଯାଇଥିଲା। ସଂପ୍ରତି ତାଙ୍କ ବଂଶର ଶ୍ୟାମସୁନ୍ଦର ସାମନ୍ତରାୟ ଦାୟାଦ ଭାବେ ବଡଗଡ଼ରେ ଅଛନ୍ତି। ପଦ୍ମନାଭ ଛୋଟରାୟ ମଧ ଦାରୁଠେଙ୍ଗ ଗଡ଼ର ଦଳେଇ ପଦରେ ଥିଲେ ବୋଲି "R. ker"ଙ୍କ ଚିଠିରୁ ଜଣାପଡେ। "The fate of of other leaders was also sealed.One such was padmanav chhotra of the most notorious robbers of the country. He was of or caste aged 45 and was the Dalaee of Garh Darootunga of Kille Khurda. He was charged with number of dacoities by the authorities. R. Ker is December 1818 believed to be the head of a considerable number of paiks is the jungles."

**ପୀତବାସ ମଙ୍ଗରାଜ:** ଜଣେ ମହାନ୍ ସଂଗ୍ରାମୀ ଥିଲେ। ତାଙ୍କର ଗ୍ରାମ ଜଟଣୀ ନିକଟସ୍ଥ ଖୁଦୁପୁର ବୋଲି ଜଣାପଡ଼େ। ସେ ଆଜୀବନ କାରାଦଣ୍ଡ ପାଇଥିଲେ।

**ଦେବାନ୍ କୃଷ୍ଣଚନ୍ଦ୍ର ଭ୍ରମରବରରାୟ:** ଦେବାନ୍ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଥିଲେ ଖୋର୍ଦ୍ଧା ରାଜାଙ୍କର ମନ୍ତ୍ରୀ। ତାଙ୍କ ପିତା ଦେବାନ ହରିହର ଭ୍ରମରବର ରାୟ ଯଥେଷ୍ଟ କ୍ଷମତାଶାଳୀ ଥିଲେ। ବକ୍ସି ଜଗବନ୍ଧୁଙ୍କର ପ୍ରଧାନ ସହଯୋଗୀ ଥିଲେ ଦେବାନ କୃଷ୍ଣଚନ୍ଦ୍ର। ତାଙ୍କର ସମସ୍ତ ଭୂସମ୍ପତି ବାଜ୍ୟାପ୍ତି କରାଯାଇଥିଲା। ଏହା ବ୍ଲଣ୍ଟଙ୍କ ତା ୪.୯.୧୮୨୩ ରିଖ ପତ୍ରରୁ ଜଣାପଡେ। ଖୋର୍ଦ୍ଧାର ଜଏଣ୍ଟ ମାଜିଷ୍ଟ୍ରେଟ୍ ଉଇଲକିନ୍ସନଙ୍କ କଟକ କମିଶନର ଜେ. ପ୍ୟାକେନହାମ୍‌ଙ୍କୁ ତା ୨.୧.୧୮୨୬ ରେ ଦେଇଥିବା ପତ୍ରରୁ ଜଣାପଡ଼େ। ସରକାରଙ୍କ କ୍ଷମାପ୍ରଦାନ ସର୍ତ୍ତରେ ରାଜିକରାଇ ତାଙ୍କୁ ଆତ୍ମସମର୍ପଣ କରାଯାଇଥିଲା। ତାଙ୍କୁ ରାଜି କରାଯାଇଥିବା ହେତୁ ପୂର୍ବ ଘୋଷିତ ଦୁଇ ହଜାର ଟଙ୍କା ପୁରସ୍କାର ଶ୍ୟାମ ସୁନ୍ଦର ଭଂଜ, ରାଘବ ପଟ୍ଟନାୟକ, ଦାରୋଗା ହେମ ପ୍ରସାଦ ରାୟ ଓ ସିରସ୍ତାଦାର ସେକ୍ ସାଦିକ ଅଲ୍ଲୀଙ୍କୁ ପ୍ରଦାନ କରାଯାଇଥିଲା। ଏବେ ଦେବାନ୍‌ଙ୍କ ବଂଶଧର କୁରାଢମଲ୍ଲ ଠାରେ ଅବସ୍ଥାନ କରୁଛନ୍ତି। ପୂର୍ବରୁ ତାଙ୍କ ଉଆସ ଛତ୍ରମା ଗଡ଼ରେ ଥିଲା। ପୂର୍ବରୁ ଉଆସ ଥିବା ସ୍ଥାନକୁ ଲାଗି ଏକ ପୋଖରୀ ଅଛି, ଯାହା ଦେଓ୍ୱାନ ପୋଖରୀ ନାମରେ ପରିଚିତ।

**ବିପ୍ଳବୀ ଦାମ ସୁବୁଦ୍ଧି:** ସିକୋ ଗ୍ରାମର ଦାମ ସୁବୁଦ୍ଧି ବକ୍ସିଙ୍କର ଜଣେ ପ୍ରଧାନ ସରଦାର। 'ପାଇକ ବିଦ୍ରୋହ' ପୁସ୍ତକର ୮୬ ପୃଷ୍ଠାରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କ ସମ୍ବନ୍ଧରେ ନିମ୍ନମତେ ଉଲ୍ଲେଖ କରିଛନ୍ତି। "ମେଳି ଯୋଗୁଁ ସେ ସିକୋ ଛାଡି ପିଲା କୁଟୁମ୍ବଙ୍କୁ ଧରି ଆଠମଲ୍ଲିକରେ ଆଶ୍ରୟ ନେଇଥିଲେ। ଆଠମଲ୍ଲିକର ଜମିଦାର ଅଗଷ୍ଟ ମାସ ଶେଷ ସପ୍ତାହରେ ତାଙ୍କୁ ଧରି ମେଜର ରଫସେଡ଼ଜଙ୍କ ଠାରୁ ସମ୍ବଲପୁରକୁ ପଠାଇଦେଲେ। ବୌଦ ବାଟେ ପଠାଇଲେ କାଳେ ଜଗବଂଧୁ ଜାଣିପାରିବେ ଏହି ଉଦ୍ଦେଶ୍ୟରେ ଦାମଂକୁ ଆଠମଲ୍ଲିକରୁ ରେଢ଼ାଖୋଲ ପଠାଇ ଦିଆଗଲା। ସେଠାରୁ ତାଙ୍କୁ ସମ୍ବଲପୁର ପ୍ରେରଣ କରାଗଲା। ଦାମ ସୁବୁଦ୍ଧିଙ୍କୁ ୧୮୧୮ ଅଗଷ୍ଟ ୩୦ ତାରିଖରେ ଧରାଇଥିବାରୁ ସରକାରଙ୍କ ପକ୍ଷରୁ ଆଠମଲ୍ଲିକ ଜମିଦାରଙ୍କୁ ଏକ ହଜାର ଟଙ୍କା ପୁରସ୍କାର ମିଳିଥିଲା। ସମ୍ବଲପୁର ରାଣୀ ମୁକ୍ତାଦେଇ ପାଞ୍ଚଗଡ଼ରୁ ସମ୍ବଲପୁର ଯିବା ବାଟରେ ବିଦ୍ରୋହୀ ପାଇକଙ୍କ ଦ୍ୱାରା ଆକ୍ରମଣ ଶିକାର ହେଲେ। ସେଥିରେ ରାଣୀଙ୍କର ବହୁତ ଜିନିଷପତ୍ର ଲୁଟିକରି ପାଇକମାନେ ନେଇଗଲେ। ଦାମ ସୁବୁଦ୍ଧି ଏମାନଙ୍କ ଭିତରେ ଥିଲେ। ସେ ୧୮୧୭ ଅକ୍ଟୋବର କିଂବା ନଭେମ୍ବର ମାସଠାରୁ ଜଗବଂଧୁଙ୍କଠାରୁ ଅଲଗା ହୋଇ ରହିଥିଲେ। ସିକୋରେ କୁଟୁମ୍ବଙ୍କୁ ଧରି ନିବାସ କରିବା ନିରାପଦ ମନେ ନ କରି ସେ ଗଡ଼ଜାତ ଅଞ୍ଚଳରେ ପଶି ବିଦ୍ରୋହ ଯେପରି ତେଜି ରହିବ ତା'ର ବ୍ୟବସ୍ଥା କରୁଥିଲେ। ଦାମ ସୁବୁଦ୍ଧିଙ୍କର ଆଉ କେତେଜଣ ବିଦ୍ରୋହୀ ସହଯୋଗୀ ଆଠମଲ୍ଲିକରେ ଲୁଚି ରହିଥିଲେ। ଏତଦ୍‌ବ୍ୟତୀତ ତାଂଙ୍କ ସହ ତାଙ୍କର ଦୁଇଭାଇ ନିତ୍ୟାନନ୍ଦ ମଙ୍ଗରାଜ ଓ ସୋମନାଥ ପାଟଶାହାଣୀ (ବୟସ ପ୍ରାୟ ୪୦) ଓ ପୁତୁରା ଦାଶରଥି ପାଇକରା (ବୟସ ୧୯) ମଧ୍ୟ ଥିଲେ।

**ବିଦ୍ରୋହୀ ଦୀନବଂଧୁ ସାମନ୍ତରାୟ:** ବାଣପୁର ଅଂଚଳର ପାଇକ ସର୍ଦ୍ଦାର ଥିଲେ ଦୀନବଂଧୁ ସାମନ୍ତରାୟ। ତାଙ୍କ ପାଖରେ ଘୁମୁସର ଅଂଚଳର ଶହେ ପାଇକ ଦରମା ପାଇ କାମ କରୁଥିଲେ। ଏହାଛଡ଼ା ନିଜ ଅଂଚଳର ଶହେ ପାଇକ ମଧ ତାଙ୍କ ଅଧୀନରେ ଥିଲେ। ଏହି ଦୁଇ ଶହ ପାଇକଙ୍କ ସାହାଯ୍ୟରେ ସେ ସେହି ଅଂଚଳରେ ମେଳିକୁ ତେଜେଇ ରଖିଥିଲେ। ବେଲ୍ ସାହେବ ଦୀନବଂଧୁଙ୍କୁ ଧରିବା ପାଇଁ ଯାଇଥିବାବେଳେ ସୋଲରୀ ପାହାଡ଼ ଘଂଚ ଜଙ୍ଗଲ ତଳେ କିଛି ଧାନ ରହିଥିବା ଦେଖିବାକୁ ପାଇଥିଲେ। ଏହା ବ୍ୟତୀତ ଗୋଟିଏ ଝୈକୀ, ଗୋଟିଏ ସତରଞ୍ଜି, ଗୋଟିଏ ବନ୍ଧୁକ, କେତୋଟି କମରପଟି, ଗୋଟିଏ ପାଇକ ପଗଡ଼ି, ବନ୍ଧୁକ ମସଲା, ଛରି କି ପାଂଚଟା ଲୁହାନଳୀ ଥିଲା। ଏସବୁ ଇଂରେଜ ସୈନ୍ୟଦଳ ଜବତ କରି ବାଣପୁରକୁ ଆଣିଥିଲେ। ଏହି ପାହାଡ଼ରେ ମିଳିଥିବା ଗୁଳିଗୋଳାସବୁର ଓଜନ ପ୍ରତ୍ୟେକ ଦେଢ଼ ପାଉଣ୍ଡ ଥିଲା ବୋଲି ବେଲ ସାହେବ କମାଣ୍ଡର ହ୍ୱାଇଟ ସାହେବଙ୍କୁ ୧୮୧୮ ଜୁନ ୧୫ ତାରିଖରେ ଲେଖିଥିବା ଚିଠିରୁ ଜଣାପଡ଼େ। ଦୀନବନ୍ଧୁଙ୍କ ପିଲା କୁଟୁମ୍ବ ଭାଟପଡ଼ା ନିକଟସ୍ଥ ଗ୍ରାମମାନଙ୍କରେ ରହୁଥିଲେ। ସେମାନଙ୍କ ମଧ୍ୟରୁ ଜଣକର ହାତକୁ ଇଂରେଜ ସୈନ୍ୟ କାଟିଦେଇଥିଲେ। ଅରାଙ୍ଗ ଠାରେ ବେଲ ସାହେବ ଦୀନବନ୍ଧୁଙ୍କ ଆଡ୍ଡା ଉପରେ ଚଢ଼ାଉ କଲାବେଳେ ତାଙ୍କ ସାଥିରେ ଷାଠିଏ ଜଣ ନଳୀଧାରୀ ପାଇକ, ତେର ଜଣ ଧନୁର୍ଦ୍ଧାରୀ ପାଇକ ଥିଲେ। ଦୀନବନ୍ଧୁ ସାମନ୍ତରା, ତାଙ୍କର ସହଯୋଗୀ ଅଚ୍ୟୁତ ସାମନ୍ତରା ଓ ଅରାଙ୍ଗର ପାଂଚ ପାଇକ ସର୍ଦ୍ଦାର ୧୯୧୭ ନଭେମ୍ବର ୬ ତାରିଖରେ ୱାଟସନ୍‌ଙ୍କ ପାଖରେ ଆତ୍ମସମର୍ପଣ କରିଥିଲେ।

**ରଥି ସାମନ୍ତସିଂହାର :** ଚିଲିକା କୂଳ ଛତ୍ର ଗଡ଼ର ବିଶୋଇ ରଥି ସାମନ୍ତସିଂହାର ଜଣେ ଯୋଦ୍ଧା ଥିଲେ। ତାଙ୍କ ଅଧିନରେ ୫ ଶହ ପାଇକ ଥିଲେ। ସେ ଘୁମୁସୁରରୁ ଆସିଥିବା କନ୍ଧମାନଙ୍କ ସହ ମିଶି ବାଣପୁରର ଖଜଣାଖାନା ଲୁଟ୍ ଆଦିରେ ପ୍ରମୂଖ ଭୂମିକା ନେଇଥିଲେ। ଖୋର୍ଦ୍ଧା ଜଏଂଟ୍ ମାଜିଷ୍ଟ୍ରେଟ୍‌ଙ୍କୁ ବାଣପୁରସ୍ଥ କମାଣ୍ଡିଂଙ୍ଗ ଅଫିସର ଲେଫ୍ଟନାଂଟ୍ ଜି.ବି. କେର୍‌ଙ୍କ ପତ୍ର (ତା୨୯.୮.୧୮୧୮) ଅନୁସାରେ ବିଦ୍ରୋହୀ ନେତା ରଥି ସାମନ୍ତସିଂହାର ଓ ତାଙ୍କ ତିନି ସହଯୋଗୀ ବିଦ୍ରୋହୀ ବିଶ୍ୱେଶ୍ୱର ପାଇକରାୟ, ପରମାନନ୍ଦ ଓ ସତ୍ୟବାଦୀ ଧରାହେଲେ। ସେମାନଙ୍କୁ କାରାଦଣ୍ଡ ହୋଇଥିଲା।

**ଅନ୍ୟାନ୍ୟ ପ୍ରମୁଖ ବିଦ୍ରୋହୀ:** ପାଇକ ବିଦ୍ରୋହରେ ପ୍ରମୁଖ ଭୂମିକା ନିର୍ବାହ କରି ଧରାପଡ଼ି ଯଦିଓ ଫାଶୀ ପାଇନଥିଲେ ସେମାନଙ୍କ ମଧରେ ଗଙ୍ଗପଡ଼ାର ଦଳବେହେରା ଭାଗୁ ହରିଚନ୍ଦନ ଓ ତାଙ୍କ ଭାଇ ମାଖନ ସିଂହ, ଗଙ୍ଗପଡ଼ାର ଚିତ୍ର ସାମନ୍ତରାୟ, ଛତ୍ରଗଡ଼ର ବିଶୋଇ ରଥି ସାମନ୍ତସିଂହାର, ସାଧୁ ଚରଣ ମଙ୍ଗରାଜ, ବିଷ୍ଣୁ ପାଇକରାୟ, କୁଜଙ୍ଗର ବିଦ୍ରୋହୀ ନେତା ବାମଦେବ ପଟ୍ଟଯୋଶୀ ଓ ନାରାୟଣ ପରମଗୁରୁଙ୍କ ନାମ ଉଲ୍ଲେଖଯୋଗ୍ୟ। ସଦର ନିଜାମତ୍‌ଙ୍କ ତା୨୧.୧୨.୧୮୧୮ ଆଦେଶ ମତେ କୁଜଙ୍ଗ ପାଇକଙ୍କର ପ୍ରଖ୍ୟାତ ବିଦ୍ରୋହୀ ନେତା ନାରାୟଣ ପରମଗୁରୁ ଏବଂ ବାମଦେବ ପଟ୍ଟଯୋଶୀଙ୍କୁ କଠିନ ପରିଶ୍ରମ ସହ ଯାବଜ୍ଜୀବନ ରାଜ୍ୟ ବାହାରେ ଆଲିପୁର ଜେଲରେ ନିର୍ବାସନ କାରାଦଣ୍ଡାଦେଶ ହୋଇଥିଲା।

**ଶହୀଦ ସଚ୍ଚିଦାନନ୍ଦ ପଟ୍ଟନାୟକ:** ପାଂଚଗଡ଼ରେ ସମ୍ବଲପୁର ରାଣୀ ମୁକ୍ତାଦେଈଙ୍କ ଦେଓ୍ୱାନ ସଦାଶିବ ରାୟ ବହିଦାରଙ୍କ ହତ୍ୟାକାଣ୍ଡରେ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ଫାଶୀ ଦଣ୍ଡ ଦିଆଯାଇଥିଲା। ରାଣୀ ମୁକ୍ତାଦେଈ ସମ୍ବଲପୁରର ଶେଷ ସ୍ୱାଧୀନ ରାଜା ଜୟନ୍ତ ସିଂହଙ୍କ ତିନି ରାଣୀଙ୍କ ମଧ୍ୟରୁ ଜଣେ। ରାଜ ଜୟନ୍ତ ସିଂହ ମରହଟ୍ଟାମାନଙ୍କ ଦ୍ୱାରା ବନ୍ଦୀ ଓ ପରେ ଇଂରେଜମାନଙ୍କ ଦ୍ୱାରା ମୁକ୍ତ ହୋଇଥିଲେ। ଏପରି ରାଜ୍ୟର ଘନଘଟା ସମୟରେ ସମ୍ବଲପୁର ରାଣୀ ମୁକ୍ତାଦେଈଙ୍କୁ ଇଂରେଜ କମ୍ପାନୀ ସରକାର ତାଙ୍କୁ ପ୍ରଥମେ କଟକ ଆଣି ପାଂଚଗଡ଼ ଇଷ୍ଟେଟ୍‌କୁ ବାର ହଜାର ଟଙ୍କା ଦାମ୍‌ରେ କିଣି ଏବଂ ସଁପୁର ଠାରେ ରାଣୀଙ୍କ ପାଇଁ ନଅର ତୋଳି ସେଠାରେ ଅବସ୍ଥାପିତ କରିଥିଲେ। ରାଣୀଙ୍କ ପାଇଁ ନଅର ଓ ଦେଓ୍ୱାନଙ୍କ ପାଇଁ ବାସଗୃହ ନିର୍ମିତ ହୋଇଥିଲା। ପାଂଚଗଡ଼ ଇଷ୍ଟେଟ୍‌ରେ ବୋଲଗଡ଼, ବୋଲଗଡ଼, ବାଙ୍କୋଇ, ମାଣିବନ୍ଧ, ମାଣିକାଗୋଡ଼ା, ହଳଦୀପଦା, ଗୋଡ଼ିଆଲି ସମେତ ସଁପୁର ଆଦି ଗଡ଼ ଥିଲା। ଇଂରେଜମାନଙ୍କ ଆଗମନ ୧୮୦୩-୦୪ରୁ ଖୋର୍ଦ୍ଧା ଅଂଚଳର ଲୋକମାନେ ସେମାନଙ୍କ ଜମିର କର ଯେପରି କମ୍ପାନୀ ସରକାରଙ୍କୁ ଦେଉଥିଲେ, ସେହିଭଳି ପାଂଚଗଡ଼ର ପ୍ରଜାମାନେ ସଁପୁରରେ ରହୁଥିବା ରାଣୀ ଓ ତାଙ୍କ ଦେଓ୍ୱାନ ସଦାଶିବ ରାୟ ବହିଦାରଙ୍କୁ ଦେଉଥିଲେ। ଯଦି ଦେଓ୍ୱାନ ସଦାଶିବଙ୍କ ହତ୍ୟା କରାଯାଇନଥାନ୍ତା, ହୁଏତ ପାଂଚଟି ଗ୍ରାମକୁ ନେଇ ହଳଦିଆ ଜମିଦାରୀ ଇଷ୍ଟେଟ୍ ପରି ପାଂଚଗଡ଼ ଏକ ଇଷ୍ଟେଟ୍ ରୂପେ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ରହିଥାନ୍ତା ଏବଂ ପାଂଚଗଡ଼ ରାଜଧାନୀ ସଁପୁର ଗଡ଼ର ପରିଚୟରେ ସ୍ୱତନ୍ତ୍ରତା ରହିଥାନ୍ତା। ପାଂଚଗଡ଼ ମେଳି ବା ସଦାଶିବ ବହିଦାରଙ୍କ ହତ୍ୟା ପରେ ପାଂଚଗଡ଼ ଓ ମାଣିକାଗୋଡ଼ା ଦୁଇଟି ଜିଲ୍ଲାରେ ପରିଣତ ହୋଇ ଖୋର୍ଦ୍ଧା କିଲ୍ଲାରେ ରହିଥିଲା ବୋଲି ଦିଗମ୍ବର ଶ୍ରୀଚନ୍ଦନ 'ଖୁରୁଧା ଦର୍ପଣ' ପୁସ୍ତକରେ ଉଲ୍ଲେଖ କରିଛନ୍ତି। ପାଂଚଗଡ଼ର ଲୋକମାନେ ସ୍ୱାଧୀନଚେତା ଓ ଇଂରେଜ ବିରୋଧୀ ମନୋଭାବାପନ୍ନ ଥିଲେ। ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସ' ପୁସ୍ତକର ୭୨ ପୃଷ୍ଠରେ ପାଂଚଗଡ଼ ଲୋକଙ୍କର ତତ୍କାଳୀନ ମାନସିକ ଅବସ୍ଥା ନିମ୍ନମତେ ବର୍ଣ୍ଣନା କରିଛନ୍ତି: "ପାଂଚଗଡ଼ ଲୋକେ ସରକାରୀ ଲୋକଙ୍କୁ ଏବଂ ସୈନ୍ୟ ବାହିନୀଙ୍କୁ ଧାନ ଚାଉଳ ବିକ୍ରି କରିବାକୁ ମଙ୍ଗୁ ନଥିଲେ। ଏହି ମନୋଭାବ ଛାଡ଼ିବାକୁ ଲୋକଙ୍କ ଉପରେ ଆଦେଶ ଜାରି ହେଲା।" ପ୍ୟାରୀମୋହନ ଆଚାର୍ଯ୍ୟଙ୍କ "ଓଡ଼ିଶା ଇତିହାସ"ରେ ଖୋରଧା ଇଂରେଜମାନେ ଦଖଲ କଲାବେଳେ ପାଂଚଗଡ଼ର ଲୋକମାନେ ଖଜଣା ନଦେବାରୁ ତାଙ୍କୁ କରାୟତ କରିବା ପାଇଁ ବୋଲଗଡ଼ ଓ କୁଶପଲ୍ଲୀ ପ୍ରଗଣା ଗୋବିନ୍ଦପୁର ଠାରେ ଦୁଇଟି ପୁଲିସ ଫାଣ୍ଡି ଇଂରେଜ ସରକାର ସ୍ଥାପନ କଲେ ବୋଲି ଉଲ୍ଲେଖ କରିଛନ୍ତି। ପରବର୍ତ୍ତୀ ସମୟରେ ଗୋବିନ୍ଦପୁର ଫାଣ୍ଡି ବେଗୁନିଆକୁ ସ୍ଥାନାନ୍ତରିତ ହୋଇଗଲା।

ପାଇକ ବିଦ୍ରୋହର ପ୍ରଥମ ଅଗ୍ନି ସ୍ଫୁଲିଙ୍ଗ ହୋଇଥିଲା ବାଣପୁରରେ। ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ଇଂରେଜ ବିରୋଧୀ ମନୋଭାବ ଯୋଗୁଁ ଘୁମୁସର ଅଂଚଳର କନ୍ଧ ବିପ୍ଳବୀ ନେତା ଦୋହରା ବିଶୋୟୀଙ୍କ ପ୍ରେରଣାରେ କନ୍ଧମାନେ ବାଣପୁରର ଦାମିଆ ବରବରା ଓ ନୀଳାଦ୍ରିପ୍ରସାଦ ଘଂଚ ଅରଣ୍ୟ ଦେଇ ବାଣପୁରର ସରକାରୀ ଖଜଣା ଖାନା ଲୁଟ୍ ଓ ସରକାରୀ ଦପ୍ତର ପୋଡ଼ିବା ଉଦ୍ଦେଶ୍ୟରେ ଆସିଥିଲେ। ଏହାର ସୁଯୋଗ ନେଲେ ପାଇକବିଦ୍ରୋହର ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ଓ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ। ସେଠାରେ କନ୍ଧ ପାଇକଙ୍କ ସହ ଭାଟପଡ଼ା ଦଳବେହେରା, ଦିନବନ୍ଧୁ ସାମନ୍ତରାୟ ଓ ଛତ୍ରଗଡ଼ର ବିଶୋୟୀ, ରଥି ସାମନ୍ତସିଂହାରଙ୍କ ପାଇକ ସୈନ୍ୟମାନେ ଯୋଗ ଦେଇ ବାଣପୁର ଥାନା ପୋଡ଼ି, ଖଜଣାଖାନା ଲୁଟ୍ ଆଦି କରି ପାଂଚଗଡ଼ ଆଡ଼େ ମୁହାଁଇଲେ। ବାଟରେ କୁହୁଡ଼ିର ଦଳେଇ, ବନ୍ଧୁ ସାନ୍ତରା ଓ ସିକୋ ସର୍ଦ୍ଦାର ଦାମ ସୁବୁଦ୍ଧି ସେମାନଙ୍କ ଅନୁଗତ ପାଇକମାନଙ୍କୁ ନେଇ ଯୋଗ ଦେଲେ।

ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକମାନେ ପାଂଚଗଡ଼ ଠାରେ ଉପସ୍ଥିତ ହେବା ପରେ ଦେଓ୍ୱାନ ସଦାଶିବଙ୍କୁ ହତ୍ୟା ଓ ସଁପୁର ଠାରେ ଥିବା ରାଣୀଙ୍କ ନଅରକୁ ଲୁଣ୍ଠନ ଆଦି କରିଥିଲେ। ରାଣୀ ମୁକ୍ତାଦେଇ ତାଙ୍କ ପରିଜନଙ୍କ ସହ ଖଣ୍ଡପଡ଼ାରେ ଆଶ୍ରୟ ନେଇ କଟକ ପଳାଇ ଯାଇଥିଲେ। ପରେ ସେ କଟକରୁ ସମ୍ବଲପୁର ଚାଲିଯାଇଥିଲେ। ଏହାର ବିବରଣ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କ 'ବୋଲଗଡ଼ ଇତିହାସ', ଦିଗମ୍ବର ଶ୍ରୀଚନ୍ଦନଙ୍କ 'ଖୁରୁଧା ଦର୍ପଣ' (ପୃ-୧୯୯), ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶଙ୍କ 'ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ଇତିହାସ' ଓ ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କ 'ଯଶୋଦେହେ ଆୟୁଷ୍ମାନ୍' (ପୃ-୭୪୨) ଓ ଫକୀର ହରିଚନ୍ଦନଙ୍କ 'ଖୋରଧା ଇତିହାସର ଅନ୍ତରାଳେ' (ପୃ-୩୦)ରେ ବର୍ଣ୍ଣିତ ହୋଇଛି।

**ଶହୀଦ ବିଷ୍ଣୁ ପାଇକରାୟ ଓ ଶହୀଦ କପିଳେଶ୍ୱର ଡିଆଁବାଘ:** ବରୁଣେଇ ପାହାଡ଼ର ପୂର୍ବ ଦିଗରେ ଜଟଣୀରୁ ଆଇ.ଆଇ.ଟିକୁ ଯିବା ରାସ୍ତାରେ ପଡ଼େ ଖୁଦୁପୁର। ଏହା ଏକ ଐତିହ୍ୟ ପ୍ରସିଦ୍ଧ ଗ୍ରାମ। ଏହି ଗ୍ରାମ ସମ୍ପର୍କରେ ସଦାଶିବ ରଥଶର୍ମା ଅମର ଚରିତ ପୁସ୍ତକର ଚତୁର୍ଥ ଭାଗ ୨୩ ପୃଷ୍ଠାରେ ଲେଖିଛନ୍ତି - "ବରୁଣେଇ ତଳେ ଖୁଦୁପୁର ମୌଜାର ଘଟଭଙ୍ଗାବର ନାମକ ବରଗଛ, ଯାହାଙ୍କ ଏହି କିମ୍ବଦନ୍ତୀର ଛାୟା ଘେନି ସମ୍ୟକ ଭାବରେ ପରିଚିତ। ସେହିଠାରେ ଉକ୍ତ ଅବାସ୍ତବ ଘଟ ଭାଙ୍ଗି ଦେଇ ଓଡ଼ିଶାର ଗଜପତି ଆତ୍ମଗୋପନ କରିଥିଲେ। ମହାରାଜା ପ୍ରଥମେ ଖୁଦୁପୁର ଛୋଟରାୟଙ୍କ ଉଆସରେ କିଛି ସମୟ ରହି ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ସେଠାରୁ ପୁରୀ ଚାଲିଯାଇଥିଲେ। ଏହି ଖୁଦୁପୁର ଗ୍ରାମ ଆୟତନରେ କ୍ଷୁଦ୍ର ହୋଇଥିବାରୁ ଖୁଦୁପୁର ହୋଇଅଛି କିମ୍ବା ଖୋଦ୍ ସେନାପତିଙ୍କର ଗ୍ରାମ ଥିବାରୁ ଖୋଦପୁରରୁ ଖୁଦୁପୁର ହୋଇଛି ବୋଲି 'ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଖୋରଧାର ଅବଦାନ' ପୁସ୍ତକର ୧୯୭ ପୃଷ୍ଠାରେ ପ୍ରଫେସର ଧ୍ରୁବଚରଣ ଜୟସିଂହ ପାଇକରାୟ ଓ ପ୍ରଫେସର ପ୍ରଫୁଲ୍ଲ କୁମାର ପାଇକରାୟ ଉଲ୍ଲେଖ କରିଛନ୍ତି। ଖୁଦୁପୁର ଦଳପତି ଓ ତାଙ୍କ ଭାୟା ପ୍ରଜାପୁଞ୍ଜି ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିଲେ। ଗଙ୍ଗପଡ଼ା ଠାରେ ହୋଇଥିବା ଯୁଦ୍ଧରେ ଗଙ୍ଗପଡ଼ା ଦଳବେହେରା, ଭାଗୁ ହରିଚନ୍ଦନ ଓ ମାଖନ ସିଂହ ନେତୃତ୍ୱ ନେଇଥିଲେ। ଉଭୟ ବିଷ୍ଣୁ ପାଇକରାୟଙ୍କ ମାମୁ ଥିଲେ। ଇଂରେଜମାନେ ଶୁଣିବାକୁ ପାଇଲେ ଖୁଦୁପୁର ଠାରେ ଭାଗୁ ଓ ମାଖନ ସିଂହ ଆତ୍ମଗୋପନ କରିଛନ୍ତି। ସେମାନେ ଖୁଦୁପୁର ଉଆସ ଘେରାଉ କରି ତାଙ୍କୁ ଫାଶୀ ଦେଇଥିଲେ ଓ ତାଙ୍କ ଭାଇ କପିଳେଶ୍ୱର ଡିଆଁବାଘକୁ ଅମାନୁଷିକ ଦଣ୍ଡ ଦେଇଥିଲେ ମଧ ତାଙ୍କର ମାମୁ ଗଙ୍ଗପଡ଼ା ଦଳବେହେରା କେଉଁଠାରେ ଅଛନ୍ତି ବୋଲି କହିନଥିଲେ। ପରିଶେଷରେ ତାଙ୍କୁ ଫାଶୀ ଦିଆଯାଇଥିଲା। ତେଣୁ ଖୁଦୁପୁରରେ ଏବେମଧ ସେ କାହାଣୀ ଲୋକମୁଖରେ ଜୀବିତ ହୋଇ ରହିଅଛି। ପରିଶେଷରେ ବିଦ୍ରୋହୀ ଭାଗୁ ମାଖନ ଧରା ପଡ଼ିଥିଲେ। ***"ଜଗତର ଲୋକ ଦେଖ ଯା ଆସି/ମାମୁ ଲାଗି ଭଣଜା ପାଇଲେ ଫାଶୀ"। (ପାଇକ ବିଦ୍ରୋହ ପୃ-୨୦, ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ)***

ପାଇକ ବିଦ୍ରୋହର ଅନେକ ଶହୀଦ ହୋଇଛଂତି, କାରାବରଣ କରିଛଂତି ଓ ଦ୍ୱୀପାନ୍ତରଦଂଡ଼ ଭୋଗିଛଂତି। ସେମାନଙ୍କର ଏକ ତାଲିକା ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କ ରଚିତ 'ପାଇକ ବିଦ୍ରୋହ' ପୁସ୍ତକର ୧୩୯ ପୃଷ୍ଠାରେ ୧୮୧୮ ଓ ୧୮୧୯ରେ ଦଣ୍ଡିତ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରିଛଂତି। ଭାରତର ପ୍ରଥମ ଗଣବିପ୍ଳବ ପୁସ୍ତକର ୬୧ ଓ ୬୨ ପୃଷ୍ଠାରେ ଡ. ଲକ୍ଷ୍ମୀ ନାରାୟଣ ରାୟସିଂହ ଉକ୍ତ ତାଲିକା ମଧ ପ୍ରଦାନ କରିଛଂତି। ତାଙ୍କ ତାଲିକା ଅନୁସାରେ (୧) ଚରଣ ପଟ୍ଟନାୟକଙ୍କୁ ହତ୍ୟା ଅଭିଯୋଗରେ ପର୍ଶୁରାମଙ୍କୁ ଫାଶୀ (୨) ସଦାଶିବଙ୍କୁ ମାରିଥିବା ଅଭିଯୋଗରେ ସଚ୍ଚିଦାନନ୍ଦଙ୍କୁ ଫାଶୀ (୩) ଗୋପାଳ ଛୋଟରାୟଙ୍କୁ ଫାଶୀ (୪) ବଂଶୀ ପାଇକରା ଫାଶୀ (୫) ରାମସିଂହ ଫାଶୀ, (୬) ନାଥ ପ୍ରଧାନ ଫାଶୀ (୭) ନରସିଂହ ଫାଶୀ ଏହା ବ୍ୟତୀତ ୪ ଜଣଙ୍କୁ ଯାବଜ୍ଜୀବନଙ୍କୁ ସଶ୍ରମ କାରାଦଣ୍ଡ, ୯ ଜଣଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡ, ୧୦୨ ଜଣଙ୍କୁ ଦ୍ୱୀପାନ୍ତର ଦଣ୍ଡ, ୨୫ ଜଣଙ୍କୁ ପ୍ରଦେଶରୁ ଅସ୍ଥାୟୀ ଭାବେ ବହିଷ୍କାର, ୨୬ ଜଣଙ୍କୁ କାରାଦଣ୍ଡ ଓ ଦ୍ୱୀପାନ୍ତର ହୋଇଥିବା ବ୍ୟକ୍ତିମାନଙ୍କର ନାମ ତାଲିକା ପ୍ରକାଶ ପାଇଛି। କିଂତୁ ସେମାନଙ୍କର ଗ୍ରାମ ଠିକଣା ନଥିବାରୁ ସେମାନଙ୍କୁ ଚିହ୍ନଟ କରିହେଉ ନାହିଁ।

ପାଇକ ବିଦ୍ରୋହରେ ୫୫୦ ଇଂରେଜ ସୈନ୍ୟ ଆଧୁନିକ ଅସ୍ତ୍ରଶସ୍ତ୍ର ଗୁଳି ବନ୍ଧୁକ ନେଇ ଖୋର୍ଦ୍ଧାରୁ ପୁରୀ ଗଲାବେଳେ ଦୋବନ୍ଧା ଠାରେ ନଦୀବନ୍ଧ ଉପରେ ଥାଇ ତଳେ ଥିବା ପାଇକମାନଙ୍କୁ ତୋପ ଏବଂ ବନ୍ଧୁକ ସାହାଯ୍ୟରେ ଗୁଳିକରି ମାରିବାରେ କେତେ ଯେ ପାଇକ ମୃତ୍ୟୁବରଣ କରିଥିବେ ତା'ର ବିବରଣୀ ମଧ ନାହିଁ। କୁଜଙ୍ଗ ବିଦ୍ରୋହ ସମୟରେ ଇଂରେଜ ସିପାହୀମାନେ ପାରାଦ୍ୱୀପ ଗ୍ରାମରେ ପନ୍ଦର ଜଣ ପାଇକଙ୍କୁ ହତ୍ୟା କଲେ। (୨୦) ସେମାନଙ୍କର ନାମ, ଗ୍ରାମ କିଛି ଉଲ୍ଲେଖ ନାହିଁ। ଏଭଳି ଅନେକ ସ୍ଥାନରେ ପାଇକମାନେ ଶହୀଦ ହୋଇଥିବେ ସେମାନଙ୍କ ତଥ୍ୟ ମଧ୍ୟ ଉପଲବ୍ଧ ନୁହେଁ।

ପାଇକ ବିଦ୍ରୋହ ୧୮୧୭ ରୁ ୧୮୨୫ ମସିହା ଦୀର୍ଘ ଆଠ ବର୍ଷ ଧରି ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲା। ଏହାପରେ ୧୮୨୭ ରେ ତାପଙ୍ଗଗଡ଼ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଇଂରେଜ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ୬ ଦିନ ଧରି କାଣ୍ଡଗୋଦା ଠାରେ ହୋଇଥିଲା। ଏହି ଯୁଦ୍ଧରେ ଉଭୟ ପକ୍ଷରୁ ବହୁ ସୈନ୍ୟ ମୃତାହତ ହୋଇଥିଲେ। ଏହି ଯୁଦ୍ଧର ବର୍ଣ୍ଣନା ଜଣେ ପ୍ରତ୍ୟକ୍ଷଦର୍ଶୀ ମଧୁସୂଦନ ବିପ୍ର 'ଫିରିଙ୍ଗି କଳି ଭାରତରେ' ବର୍ଣ୍ଣନା କରିଛଂତି। କେବଳ ଦଳବେହେରାଙ୍କ ସେନାପତି ଝିଙ୍କିଝାରୀର ଧନୁର୍ଦ୍ଧର ଶ୍ରୀଚନ୍ଦନ ନିହତ ହେବା ବର୍ଣ୍ଣନା ହେବା ସହ ଉଭୟ ପକ୍ଷର ନିହତ ସୈନ୍ୟଙ୍କ ସଂଖ୍ୟା ଉଲ୍ଲେଖ ଥିବାବେଳେ ସେମାନଙ୍କ ନାମ ଉଲ୍ଲେଖ ହୋଇନାହିଁ। ଏହି ଯୁଦ୍ଧରେ ଶହୀଦ ହୋଇଥିବା ସଂଗ୍ରାମୀ ସେନାପତି ଧନୁର୍ଦ୍ଧର ଶ୍ରୀଚନ୍ଦନ ପ୍ରାତଃ ସ୍ମରଣୀୟ। ତାପଙ୍ଗ ଯୁଦ୍ଧର ମହା ନାୟକ ଦଳବେହେରା ଯେଉଁଳି ମହାଯୋଦ୍ଧା ଥିଲେ ସେଉଁଳି ଦାନବୀର ଥିଲେ। ତାଙ୍କର କୀର୍ତ୍ତି ଯୁଗ ଯୁଗ ଧରି ଅମ୍ଳାନ ରହିବ।

ତାପଙ୍ଗ ଯୁଦ୍ଧ ପରେ ୧୮୩୬ରେ ବାଣପୁରରେ ବିଦ୍ରୋହ ହୋଇଥିଲା। ଏହାକୁ 'ବାଣପୁର ବିଦ୍ରୋହ' ବା 'ଫଂଟୁଆ ଫଂଚୁରି' ବୋଲି ଲୋକମୁଖରେ କୁହାଯାଏ। ଏହାର ନେତୃତ୍ୱ ନେଇଥିଲେ ଅରାଙ୍ଗଗଡ଼ର ଦଳବେହେରା କୃତ୍ତିବାସ ପାଟଶାହାଣୀ। ତାଙ୍କ ନେତୃତ୍ୱରେ ପାଇକମାନେ ୧୮୩୬ ମସିହା ଜୁନ୍ ୪, ୫, ୬ ତାରିଖ ତିନି ଦିନ ଧରି ବାଣପୁରରୁ ଗୋରା ପଲଟଣକୁ ତଡ଼ି ବାଣପୁରକୁ ସ୍ୱାଧୀନ ଘୋଷଣା କରିଥିଲେ। ବିଦ୍ରୋହ ଦମନ ପରେ ୯ ମାସ ଧରି ବିଚାର ଚାଲିବା ପରେ କଟକର କମିଶନର ତା୨୫.୦୩.୧୮୩୭ରିଖ ଚିଠି ନଂ.୬୧୦ ରେ ବ୍ରିଟିଶ ସରକାରଙ୍କୁ ପଠାଇଥିବା ଚିଠି ମୁତାବକ ଶରଣ ସିଂହ, କୃତ୍ତିବାସ ପାଟସାହାଣୀ, ଶିବୁ ନାୟକ ଓ ପିଣ୍ଡକୀ - ୪ ଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ, ଜଳଧର ନାୟକ ଓ ଅନ୍ୟ ୨୨ ଜଣଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ, ଶୁକଦେବ ଦାସ ଓ ଅନ୍ୟ ୩୭ ଜଣଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ନାଲୁ ସାଉ ଓ ଅନ୍ୟ ୧୪ ଜଣଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ହୋଇଥିଲା।

ଇଂରେଜମାନଙ୍କ ଆଗମନ ଖ୍ରୀ ୧୮୦୩ ରୁ ୧୮୩୬ ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷ ଧରି ଓଡ଼ିଶା ମାଟିରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଓଡ଼ିଆ ଜାତୀୟତାବୋଧର ପରାକାଷ୍ଠା ପ୍ରଦର୍ଶନ କରେ। ଏହି ସଂଗ୍ରାମରେ ଭାଗନେଇଥିବା ସଂଗ୍ରାମୀ ଓ ଶହୀଦମାନେ ଏ ମାଟିର ପୂଜ୍ୟ ଓ ନମସ୍ୟ। ଯୁଗ ଯୁଗ ଧରି କାଳ ବକ୍ଷରେ ସେମାନଙ୍କ କୀର୍ତ୍ତି ଅମଳିନ ରହିବ।

# ଜଗନ୍ନାଥ ସଂସ୍କୃତି ପୃଥିବୀସାରା ପରିବ୍ୟାପ୍ତ ହେବ

## —ଓଡିଆଙ୍କ ମନୋବଳ ଶ୍ରୀଜଗନ୍ନାଥ ଅନୁଷ୍ଠିତ—

ଭୁବନେଶ୍ୱର (ପିଏନ୍)-ଓଡିଶାବାସୀଙ୍କ ପ୍ରତ୍ୟେକ ଘରେ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ପ୍ରଚଳିତ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଅନୁସାରେ ଓଡିଶାରେ ପାଳିତ ହୁଏ ବାର ମାସରେ ତେର ପର୍ବ। ପୁରାଣ ଶାସ୍ତ୍ରକୁ ଅନୁଧାନ କଲେ ଜଣାଯାଏ କଳି ଯୁଗର ଶ୍ରେଷ୍ଠ ଅବତାର ପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ଇଚ୍ଛାରେ ଚାଲୁଛି ସାରା ଜଗତ। ଜଗନ୍ନାଥଙ୍କ ପାଇଁ ଓଡିଶା ଆଜି ବିଶ୍ୱବ୍ରହ୍ମାଣ୍ଡରେ ପରିଚିତ। ଓଡିଶା ତଥା ଓଡିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ପୃଥିବୀ ସାରା ପରିବ୍ୟାପ୍ତ ହେବ। ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ନେଇ ରଚିତ ଭଜନ ତିନୋଟି ଭାଷାରେ ନିର୍ମିତ ହୋଇ ଭାରତ ଏବଂ ପୃଥିବୀର ବିଭିନ୍ନ ଦେଶରେ ପ୍ରସାରିତ ହେବ। ଏଭଳି ଏକ ନିଆରା ପଦକ୍ଷେପ ନେଇଛି ଓଡିଶାର ଅଗ୍ରଣୀ ସଂଗୀତଭିତ୍ତିକ ଅନୁଷ୍ଠାନ ପଦ୍ମନାଭ ଷ୍ଟୁଡିଓ। ଗତକାଲି ଭୁବନେଶ୍ୱର ରବିନ୍ଦ୍ରମଣ୍ଡପ ଠାରେ ପଦ୍ମନାଭ ଷ୍ଟୁଡିଓ ପକ୍ଷରୁ ଅନୁଷ୍ଠିତ ଓଡିଆଙ୍କ ମନୋବଳ ଶ୍ରୀଜଗନ୍ନାଥ ଭକ୍ତି ସଂଧ୍ୟାର କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭକ୍ତି ନୈବେଦ୍ୟ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ନାଲକୋର ମୁଖ୍ୟ ପରିଚାଳକ ଶ୍ରୀଧର ପାତ୍ର, ମୁଖ୍ୟବକ୍ତା ରୂପେ ଖଣ୍ଡପଡା ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଂଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଭାରତୀୟ ଅପରାଧ ଅନୁସଂଧାନ ବିଭାଗର ବିଶିଷ୍ଟ ଆଇନ ଉପଦେଷ୍ଟା କାଳୀଚରଣ ମିଶ୍ର, ଫେଡେରାଲ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ମନୋଜ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଭଜନ ସଂଧ୍ୟାରେ କାର୍ତ୍ତିକ କୁମାରଙ୍କ ସଂଗୀତ ନିର୍ଦ୍ଦେଶନାରେ ଓ ଗୁରୁ ଶତପଥୀଙ୍କ ଗୀତ ରଚନାରେ ଓଡିଶାର ଜନପ୍ରିୟ କଳାକାର କୁମାର ବାପି, ଶୈଳଭାମା ମହାପାତ୍ର, ସୁଧାକର ମିଶ୍ର, ମାନସୀ ପାତ୍ର, ଅମିତ୍ରା ନାୟକ, ଅଂଶୁମାନ ତ୍ରିପାଠୀ, ପ୍ରକାଶିନୀ ସାହୁ, ଐଶ୍ୱର୍ଯ୍ୟନୀ ତ୍ରିପାଠୀ, ରାଜଲକ୍ଷ୍ମୀ ଶତପଥୀ, ସାନ୍‌ଭି ପଟ୍ଟନାୟକ, ମିରାମ୍ବିକା ପାତ୍ର ଓ କାର୍ତ୍ତିକ କୁମାର କଣ୍ଠଦାନ କରିଥିଲେ। ଭଜନ ଶ୍ରୀଜଗନ୍ନାଥଙ୍କ ଷୋହଳ କଳା, ସଂଗୀତ ରସିଆ, ମଣି ବିମାନ ଆସେ ଝୁଲି ଝୁଲି, ଏ ଜୀବନ ଏମିତି ଖାତା, ସାରି ବାରି ବିହାର, ପ୍ରକୃତ ଭକ୍ତ ଚିହ୍ନିବା ପାଇଁ, ଧପ ଧପ ଜଳୁଚି ଦୀପ, ଶୁନ୍‌ଶାନ୍ ବଡଦେଉଳେ ଇତ୍ୟାଦି ଗୀତ ପରିବେଷଣ କରାଯାଇଥିଲା। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଡଃ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲାବେଳେ ପଦ୍ମନାଭ ଷ୍ଟୁଡିଓର ମୁଖ୍ୟ ପରିଚାଳକ ସନାତନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

# ଆବାସ ଯୋଜନା କଳିରେ ବଳି ପଡୁଛନ୍ତି ଲକ୍ଷ ଲକ୍ଷ ବାସହୀନ ଗରିବ ପରିବାର

ଭୁବନେଶ୍ୱର (ପିଏନ୍)-ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଳି ପାଇଁ ବଳି ପଡୁଛନ୍ତି ଓଡ଼ିଶାର ଲକ୍ଷ ଲକ୍ଷ ଗରିବ ପରିବାର। ନିକଟରେ ସମାପ୍ତ ବିଧାନସଭା ଅଧିବେଶନରେ ଓଡ଼ିଶାର ପଂଚାୟତିରାଜ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ରାଜ୍ୟରେ ଏବେ ୧୨,୨୫,୭୨୫ ପରିବାର ଆବାସ ଯୋଜନାରେ ଘର ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି। ମାତ୍ର ଏହି ସଂଖ୍ୟା ୨୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ରାଜ୍ୟ ସରକାର ୮ଲକ୍ଷ ଘର ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଛନ୍ତି। କିନ୍ତୁ କେନ୍ଦ୍ର ସରକାର ତାହା ଦେଇନାହାନ୍ତି। ଦୀର୍ଘ ୨ ବର୍ଷଧରି ଆୱାସ ପ୍ଲସ ପୋର୍ଟାଲ ଅକାମୀ ହୋଇ ପଡ଼ିଛି। ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି କେନ୍ଦ୍ର ସରକାର ଅଭିଯୋଗ ଆଣିଛନ୍ତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସ୍ୱଚ୍ଛତାର ସହିତ ଆବାସ ଯୋଜନା କାର୍ଯ୍ୟକାରୀ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ନ ଦେଲେ, କେନ୍ଦ୍ର ସରକାର ୮ଲକ୍ଷ ଘର ପାଇଁ ଅର୍ଥ ଦେବେ ନାହିଁ ବୋଲି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶୁଣାଇ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ଭିତରେ ଏହି କଳି ପାଇଁ ଓଡ଼ିଶାର ପ୍ରାୟ ୨୦ଲକ୍ଷ ପରିବାର ଚରମ ଦୁର୍ଦ୍ଦିନ ଭିତରେ କାଳାତିପାତ କରୁଛନ୍ତି। ସେମାନଙ୍କ ମୁଣ୍ଡ ଉପରେ ପକ୍କା ଛପର ନାହିଁ। ବର୍ତ୍ତମାନ ଲଗାଣ ବର୍ଷାରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଛି। ସେମାନଙ୍କ ଏହି ଦୁର୍ଦ୍ଦଶା ସମୟରେ କେନ୍ଦ୍ର ଓ ରାଜ୍ୟ ଭିତରେ ଏଭଳି କଳି ସେମାନଙ୍କ ପ୍ରତି ଉପହାସ ଓ କଟା ଘା'ରେ ଚୂନ ବୋଲି କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ଦାସ କହିଛନ୍ତି ୬ ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ୨୦୨୨ ମସିହା ସୁଦ୍ଧା କଚାଘରେ କେହି ରହିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶା କ୍ଷେତ୍ରରେ ଆଜିବି ଲକ୍ଷ ଲକ୍ଷ ପରିବାର ଘର ପାଇବା ପାଇଁ ଅନେଇ ରହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ପ୍ରତାରଣା ପାଲଟିଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ବିଧାନସଭାରେ ପଂଚାୟତିରାଜ ମନ୍ତ୍ରୀଙ୍କ ତଥ୍ୟ ମୁତାବକ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷ ୮୨ ହଜାର ୮୮୪ ପରିବାର ପ୍ରଧାନମନ୍ତ୍ରୀ ଆବାସ ବା ବିଜୁ ପକ୍କାଘର ପାଇଛନ୍ତି। ମାତ୍ର ସେଥିରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଛି। ଅନେକ ଘର ତିଆରି ନହୋଇ ବିଲ୍ ଉଠିଛି। ଅଯୋଗ୍ୟ ହିତାଧିକାରୀମାନଙ୍କୁ ରାଜନୈତିକ ପକ୍ଷପାତିତା କରି ଘର ଦିଆଯାଇଛି। ଧନୀ ଓ ପକ୍କାଘର ଥିବା ଲୋକ ଆବାସ ଯୋଜନାରେ ଘର ହାତେଇଛନ୍ତି। ଅନ୍ୟପଟରେ ଲକ୍ଷ ଲକ୍ଷ ଆଦିବାସୀ ଓ ଦଳିତ ପରିବାର ଘର ପାଇପାରିନାହାନ୍ତି। କେନ୍ଦ୍ର ସରକାର ଏଥିପାଇଁ ରାଜ୍ୟ ସରକାରଙ୍କୁ ତାଗିଦ କରିଛନ୍ତି। ଓଡ଼ିଶାବାସୀ ମଧ ଆବାସ ଯୋଜନା ପ୍ରଣୟନକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ତେଣୁ ଏହା ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ କଂଗ୍ରେସ ଦାବି କରିଛି।

ଆବାସ ଯୋଜନା ନେଇ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓ ଓଡ଼ିଶା ରାଜ୍ୟର ପଂଚାୟତିରାଜ ମନ୍ତ୍ରୀଙ୍କ ଭିତରେ ଗତକାଲି ଅନୁଷ୍ଠିତ ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲିଖିତ ପ୍ରତିଶ୍ରୁତି ଦେଲେ ୮ଲକ୍ଷ ଘର ପାଇଁ ଅର୍ଥ ପ୍ରଦାନ କରାଯିବ ବୋଲି କହିବାକୁ କଂଗ୍ରେସ କଟାକ୍ଷ କରିଛି। ଶ୍ରୀ ଦାସ କହିଛନ୍ତି ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କର ଅଧସ୍ତନ ନୁହନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଗିରିରାଜ ସିଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କଠାରୁ ଲିଖିତ ପ୍ରତିଶ୍ରୁତି ମାଗିବା ସଂଘୀୟ ଗଣତନ୍ତ୍ର ପ୍ରତି ଅସମ୍ମାନ। କେନ୍ଦ୍ରମନ୍ତ୍ରୀ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏପରି ଲିଖିତ ପ୍ରତିଶ୍ରୁତି ମାଗି ପାରିଥାଆନ୍ତେ। ସେଥିରେ କୌଣସି ଅସଙ୍ଗତି ନାହିଁ। କିନ୍ତୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏଭଳି କୈଫିୟତ ବା ପ୍ରତିଶ୍ରୁତି ମାଗିବା ଶୋଭାପାଏ ନାହିଁ। ମାତ୍ର ଆଶ୍ଚର୍ଯ୍ୟର ବିଷୟ ହେଉଛି ବିଜେଡ଼ି ଏତେ ପର୍ଯ୍ୟନ୍ତ ଏହାଉପରେ କୌଣସି ପ୍ରତିକ୍ରିୟା ରଖିନାହିଁ। ଭୟ ବା ଭକ୍ତି ଏହାର କାରଣ କି ବୋଲି ଶ୍ରୀ ଦାସ କଟାକ୍ଷ କରିଛନ୍ତି। ଗତକାଲିର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସୁଦର୍ଶନ ଦାସଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟିର ଅନ୍ୟତମ ମୁଖପାତ୍ର ଶ୍ରୀ ମନୋରଂଜନ ଦାଶ ମଧ ଉପସ୍ଥିତ ଥିଲେ।

## ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟରେ ଅମୃତ ମହୋତ୍ସବ ପାଳନ




ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ନରସିଂହପୁର ସ୍ଥିତ ଦଧିବାମନ ଜୀୟୁ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନା ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନ ହୋଇଯାଇଛି। ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଭାପତି ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବାରବାଟୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ବିଜୟ କୁମାର ନାୟକ, ପ୍ରତିଷ୍ଠାତା ସଂପାଦକ ଅନନ୍ତ ଚରଣ ସାହୁ ଯୋଗଦେଇ ଭାରତୀୟ ସଂଗ୍ରାମରେ ସର୍ବଶ୍ରେଷ୍ଠ ତ୍ୟାଗ ଓ ବଳିଦାନ ଦେଇଥିବା ଦେଶର ବରପୁତ୍ର ମାନଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସୁଜାତା ଦାସ ସ୍ୱାଗତ ଭାଷଣ ଦେଇ ଅମୃତ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପିକା ମନ୍ଦାକିନୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା, ସୁରେଶ ଚନ୍ଦ୍ର ଲେଙ୍କା, ଗୌରୀଶଙ୍କର ମିଶ୍ର, ପ୍ରମିଳା ଦାଶ ପ୍ରମୁଖ ଆଲୋଚନାରେ ଭାଗନେଇ ସମସ୍ତଙ୍କ ବାସଗୃହରେ ତ୍ରିରଙ୍ଗା ଉଡ଼ାଇବା ସହିତ ସାଧାରଣ ଲୋକଙ୍କୁ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ପ୍ରମିଳା ଦାଶ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା।

## ଜନ୍ମଦିବସରେ ଅସହାୟଙ୍କୁ ଛତା ବଣ୍ଟନ

ଭୁବନେଶ୍ୱର (ପିଏନ୍): ସମାଜସେବୀ ଦେବଦତ୍ତ ବାସୁଦେବ ମିଶ୍ରଙ୍କ୭୨ତମ ଜନ୍ମ ଦିବସ ଅବସରରେ ବମିଖାଲ କାର୍ଗିଲ ବସ୍ତିଠାରେ ଅସହାୟ ବ୍ୟକ୍ତିମାନଙ୍କୁ ଛତା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ମହିମା ସେବା ଫାଉଣ୍ଡେସନ୍‌ର ସଭାପତି ନାରାୟଣ ଖୁଣ୍ଟିଆ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଉପସ୍ଥିତ ରହିବା ସହିତ ଅସହାୟଙ୍କ ସେବା ମାଧବ ସେବା ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ସଂସ୍କୃତି ପରମ୍ପରାର ପ୍ରତୀକ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରୀଯୁକ୍ତ ମିଶ୍ରଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରିୟବ୍ରତ ପରଚାଳନା କରିଥିଲେ।

## ଧର୍ମଶାଳା ବିଡିଓଙ୍କ ବଦଳି

ଧର୍ମଶାଳା (ପିଏନ୍): ପଂଚାୟତିରାଜ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ଥିବା ୩୨ ଜଣ ବିଡିଓଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହି କ୍ରମରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ବିବାଦୀୟ ବିଡିଓ ଅରବିନ୍ଦ ବେହେରାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବିଡିଓ ଶ୍ରୀ ଅରବିନ୍ଦ ଗତ ଏକବର୍ଷ ହେଲା ଧର୍ମଶାଳା ବ୍ଲକରେ ବିଡିଓ ଭାବେ କାର୍ଯ୍ୟକରି ବିଭିନ୍ନ ଘଟଣାରେ ବିବାଦୀୟ ହୋଇପଡିଥିଲେ। ତେବେ ତାଙ୍କୁ ଅନୁଗୁଳ ବିଡିଓ ଭାବେ ବଦଳି କରାଯାଇଥିବା ପଂଚାୟତିରାଜ ବିଭାଗ ଚିଠି ସଂଖ୍ୟା ୧୫୫୩୩ରେ ଆଜି ଜଣାଯାଇଛି।

## ଛେଳି ଚୋର ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ସିଦ୍ଧପାଳ ଗ୍ରାମରୁ ପୁଲିସ ୨ ଜଣ ଛେଳିଚୋରଙ୍କୁ ଗିରଫ କରିବା ସହ ଚୋରିରେ ବ୍ୟବହୃତ ବାଇକ ଜବତ କରିଛି। ସୂଚନା ମୁତାବକ ଏହି ଥାନା ଚାରଗୋଠ ଗ୍ରାମର ଅନିଲ ମଲିକ (୨୮) ଓ ସିଦ୍ଧପାଳ ଗ୍ରାମର ମାନସ ମଲିକ (୨୭) ସୋମବାର ରାତିରେ ଏହି ଥାନା ଚାରଗୋଠ ଗ୍ରାମର ନବଘନ ମଲିକଙ୍କ ଗୁହାଳରୁ ଛେଳି ଚୋରି କରି ଓଡି-୩୪-ଏଚ-୩୮୨୯ ନଂ ବାଇକରେ ନେଇ ସିଦ୍ଧପାଳସ୍ଥିତ ମାନସଙ୍କ ଘରେ ରଖିଥିଲେ। ଏଥିନେଇ ଛେଳି ମାଲିକ ନବଘନ ଥାନାରେ ଅଭିଯୋଗ କରିବାରୁ ପୁଲିସ ୨୧୪/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରିରେ ବ୍ୟବହୃତ ବାଇକକୁ ଜବତ କରିଥିଲା। ଉଭୟ ଅନିଲ ଓ ମାନସକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୦୭

# ବଢୁଛି ଖରା, ବଢ଼ିବ ରୋଗ


ଡାକ୍ତର କାନ୍ତୀ ନାୟକ

ସାରା ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରା ଓ ତାତି ଯୋଗୁ ଏବେ ସୂର୍ଯ୍ୟ କିରଣରେ ଅତି ବାଇଗଣି ରଶ୍ମୀର ମାତ୍ରା ୧୨ ରହୁଛି। ୟୁଭି ସ୍ତର ୧୧ରୁ ଅଧିକ ଥିବା ଖରା ସଂସ୍ପର୍ଶରେ ଲଗାତର ଆସିଲେ ଚର୍ମ କର୍କଟ ରୋଗ ହୋଇଥାଏ। ସନବର୍ଣ୍ଣ ଏବଂ ଅଧିକ ଖରାପ ହେବାର ଆଶଙ୍କା ମଧ୍ୟ ଅଧିକ ଥାଏ। ଏଥିପାଇଁ ଜରୁରୀ ନଥିଲେ ଖରାକୁ ଯାଆନ୍ତୁ ନାହିଁ। ଶରୀର ସିଧାସଳଖ ଖରା ସଂସ୍ପର୍ଶରେ ନ ଆସିବାକୁ ଛତା ବ୍ୟବହାର କରିବା, ଦେହ ଓ ହାତକୁ ଘୋଡ଼ାଇବା ସହ ସନଗ୍ଲାସ ପିନ୍ଧନ୍ତୁ। ପ୍ରଥମତଃ ୟୁଭି ଏକ୍ସପୋଜର ଯେତେ ଅଧିକ ହେବ ଆମ ଶରୀରରେ ଥିବା ଉପର ଚମଡ଼ା ନଷ୍ଟ ହେବା ସହିତ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ବିଶେଷକରି ଚର୍ମ କର୍କଟ ହେବାର ଅଧିକ ସମ୍ଭାବନା ରହିଥାଏ। କଳା ଲୋକଙ୍କ ଅପେକ୍ଷା ସଫା ରଙ୍ଗର ଲୋକଙ୍କୁ ଚର୍ମ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ସେହିଭଳି ଯେଉଁମାନେ ଶରୀରରେ କଳାଜାଇ ବଢୁଥିବ, ସେମାନ ଅଧିକ ଯତ୍ନ ନେବା ଦରକାର। କାରଣ ସେହି କଳାକାର ପାଇଁ କର୍କଟ ରୋଗ ହୋଇଥାଏ। ଏହି କର୍କଟ ରୋଗ ବହୁତ କମ ଦେଖାଯାଏ କିନ୍ତୁ ଏହାର ମୃତ୍ୟୁ ସମ୍ଭାବନା ମଧ୍ୟ ଅଧିକ ଥାଏ। ସାଧାରଣତଃ ତିନି ପ୍ରକାର ଚର୍ମ କର୍କଟ ରୋଗ ହୋଇଥାଏ। ସଫା ଲୋକ ଏବଂ ପରିବାରରେ କାହାର ଏହି ରୋଗ ଥିଲେ ସେମାନଙ୍କ ଚର୍ମ କର୍କଟ ରୋଗ ହେବାର ସମ୍ଭାବନା ବେଶି। ତେବେ ରୋଗ ଚିହ୍ନଟ କରି ଆଗୁଆ ଚିକିତ୍ସା କଲେ ତାହା ଭଲ ହୋଇପାରେ।

ୟୁଭି ରଶ୍ମୀ ସଂସ୍ପର୍ଶରେ ଅଧିକ ଆସିଲେ ଶରୀରରେ ହୋଇଥିବା ଖଣ୍ଡିଆ ମଧ୍ୟ ଶୀଘ୍ର ଭଲ ହୁଏ ନାହିଁ। ସେହିଭଳି ସ୍କିନରେ ଏକ ଟ୍ୟାଗ ପରି ଆସେ, ଯାହାକୁ ଆକ୍ଟିନିକ କେରାଟୋସିସ ବୋଲି କୁହାଯାଏ। ଏହା କ୍ୟାନସରର ପୂର୍ବାବସ୍ଥା। ଚମନା ଉପରେ ନାଲି ନାଲି ଉଠିକି ଥାଏ ଏବଂ ହାତକୁ ରଫ ଲାଗେ। ଖରା ସଂସ୍ପର୍ଶରେ ଆସୁଥିବା କପାଳ, ବେକ ଭଳି ଜାଗାରେ ଏହା ହୋଇଥାଏ। ଏହାକୁ ଧ୍ୟାନ ନ ଦେଲେ ତାହା କର୍କଟ ରୋଗରେ ପରିଣତ ହୋଇପାରେ। ସେହିଭଳି ଆଖି ମଧ୍ୟ ଖରାପ ହୋଇଥାଏ। ଆଖି ରୋଗ କାଟରାକ୍ଟର ୧୦ ପ୍ରତିଶତ କାରଣ ହେଉଛି ଖରା।

ସକାଳ ୧୦ ଟାରୁ ଅପରାହ୍ନ ୪ଟା ଭିତରେ ୟୁଭି ରଶ୍ମୀର ପ୍ରଭାବ ପଡ଼ିଥାଏ। ଏଥିରୁ ସୁରକ୍ଷିତ ରହିବା ପାଇଁ ଖରାକୁ ବାହାରିବା ବେଳେ ପ୍ରାକସାବଧାନତା ନେବାର ଅଛି। ଧଳା ରଙ୍ଗର କପଡ଼ା ପିନ୍ଧିବା ସହିତ ସନଗ୍ଲାସ ପିନ୍ଧିବା ଏବଂ ସନ ସ୍କ୍ରିନ ଲଗାଇ ବାହାରିବା ଉଚିତ। ଅଧିକ ସମୟ ଖରାରେ ବୁଲିଲେ ପ୍ରତି ତିନିଘଣ୍ଟାରେ ସନସ୍କ୍ରିନ ଲଗାଇବା ଭଲ। ଅତ୍ୟଧିକ ତାପମାତ୍ର ବୃଦ୍ଧି କାରଣରୁ ଲୋକଙ୍କ ଉପରେ ଏହାର ଯଥେଷ୍ଟ କୁପ୍ରଭାବ ପଡ଼ିଥାଏ। ଏହି ସମୟରେ କିଛି ସାଧାରଣ ରୋଗର ପ୍ରାଦୁର୍ଭାବ ବଢ଼ିଯାଇଥାଏ। ଡିହାଇଡ୍ରେସନ, ଅଂଶୁଘାତ, ହାଡ଼ଫୁଟି, ମିଳିମିଳା, ଟାଇଫଏଡ଼ ଇତ୍ୟାଦି ରୋଗ ସହିତ ସନବର୍ଣ୍ଣ ଭଳି କିଛି ଚର୍ମରୋଗ ମଧ୍ୟ ଦେଖାଯାଏ। ଏହି ସମୟରେ ଫୁଡ଼ପଏଜନିଂ ଅନ୍ୟ ଏକ ସାଧାରଣ ସମସ୍ୟା ଦେଖାଯାଇଥାଏ। ତେଣୁ ଯେତେ ସମ୍ଭବ ଖରାଠୁ ଦୂରେଇ ରହିବାକୁ ଚେଷ୍ଟା କରିବା ସହିତ ଅଧିକ ପାଣି ପିଇବା ଏବଂ ବାହାର ଖାଦ୍ୟ ନଖାଇବା ଉଚିତ।

ସାଧାରଣତଃ ଖରାଦିନେ ଶରୀରରେ ଶୁଷ୍କତା ବଢ଼ିବା ସହ ଜଳୀୟ ଅଂଶ କମି ଯାଉଥିବାରୁ ଏହା ଘାତକ ସାବ୍ୟସ୍ତ ହୋଇଥାଏ। ଯାହାଫଳରେ ଏହା ଡିହାଇଡ୍ରେସନର କାରଣ ହୋଇ ଏହାସହ ଅତ୍ୟଧିକ ଖରା ମିଶିଗଲେ ଅଂଶୁଘାତ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଖରାଦିନେ ବିଶେଷକରି ବାହାର ଖାଦ୍ୟ ଓ ପାନୀୟ ଠାରୁ ଦୂରେଇ ରହିବା ଖୁବ ଭଲ। ଏହି ଦିନରେ ତୀବ୍ର ଖରା ହେତୁ ଲୋକମାନେ ଥଣ୍ଡା ପାଣି, ଥଣ୍ଡା ଖାଦ୍ୟ ଓ ବାହାର କୋଲଡ୍ରିଙ୍କସକୁ ଗୁରୁତ୍ୱ ଦେଇଥାନ୍ତି। ପ୍ରଚୁର ପରିମାଣରେ ବିଶୋଧିତ ପାଣି ପିଅନ୍ତୁ, ଆଖୁରସ, ପଇଡ଼ ପାଣି, ଶରୀର ପାଇଁ ଖୁବ ଭଲ। ଆପଣଙ୍କ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଓ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଖରାଦିନେ ଖାଦ୍ୟ ହଜମର ସମସ୍ୟା ରହୁଥିବାରୁ ଫାଷ୍ଟଫୁଡ ଖାଦ୍ୟ ଓ ଆମିଷ ଖାଦ୍ୟ ନଖାଇବା ଭଲ। କୌଣସି ପରିସ୍ଥିତିରେ କୌଣସି ପ୍ରକାରର ବି ନିଶାଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ। ଘରର ପରିବେଶକୁ ସ୍ୱାଭାବିକ ଥଣ୍ଡା ରଖିବା ପାଇଁ ପ୍ରାକୃତିକ ଶୀତଳ ପରିବେଶ ଖୁବ ଭଲ। ବେଣାଚେରର ବେଷ୍ଟନୀ ଭିତରେ ଘରର ଶୀତଳ ପରିବେଶ ସ୍ୱାସ୍ଥ୍ୟପଯୋଗୀ। ଖରାଦିନେ ଖୋଲା ପରିବେଶରେ ବିଶେଷକରି ନଦୀ ନାଳରେ ସ୍ନାନ କରିବା ପାଇଁ ଅନେକ ଆଗ୍ରହ ରଖିଥାନ୍ତି କିନ୍ତୁ ଏହି ସମୟରେ ଜଳସ୍ରୋତ ଓ ଆପଣଙ୍କ ସ୍ନାନ କରୁଥିବା ସ୍ଥାନର ଗଭୀରତାକୁ ଦେଖିବା କଥା କାରଣ ଅନେକ ସମୟରେ ପାଣିରେ ବୁଡ଼ି ଯିବାପରି ସମସ୍ୟା ଦେଖାଦେଇଥାଏ। ଏବେ ଖରାର ମାତ୍ରା ଯେଉଁପରି ଭାବେ ବଢୁଛି, ଟାଣ ଖରା ସମୟରେ ନିତ୍ୟାନ୍ତ କାମ ନଥିଲେ ବାହାରକୁ ବାହାରନ୍ତୁ ନାହିଁ। କୌଣସି ପରିସ୍ଥିତିରେ ଗୁଣିଗାରେଡ଼ି ବା ତୁଟୁକା ତୁଟୁକି ଚିକିତ୍ସ ଗ୍ରହଣ ନକରି ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅଧୀକ୍ଷକ, ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହସ୍ପିଟାଲ, ସିଡିଏ, କଟକ*

# ପିଲାଙ୍କ ପାରଦର୍ଶିତା ପାଇଁ ଦୃଢ଼ ମାନସିକତା

ପିଲାମାନେ, କ'ଣ ସବୁ ଛୁଟିରେ କିପରି ସମୟ କାଟୁଛ? ମୁଁ ନିଶ୍ଚିନ୍ତ ଜାଣେ ତୁମେମାନେ କିଛି କିଛି ପାଠପଢ଼ା ସହ ମଧ୍ୟ ନିଜକୁ ବ୍ୟସ୍ତ ରଖୁଥିବ। ତୁମେମାନେ କିପରି ନିଜ ଜୀବନରେ ପାରଦର୍ଶୀ ହୋଇ ସବୁ କ୍ଷେତ୍ରରେ ଏକ ସକରାତ୍ମକ ମାନସିକତାର ଭାବନା ରଖିବ ଏହି କଥାକୁ ନେଇ ତୁମ ମାନଙ୍କ ପାଖରେ ଏକ ଛୋଟିଆ ଆଲୋଚନାଟିଏ ରଖୁଛି। ସର୍ବପ୍ରଥମେ ତୁମେ ମାନେ ନିଜ ଭାବନାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କର। ତେବେ ଏ କ୍ଷେତ୍ରରେ ବଡ଼ ଗୁରୁଦାୟିତ୍ୱ ରହିଛି ଅଭିଭାବକମାନଙ୍କର। କାରଣ ଅନେକ ଅଭିଭାବକ ଭାବ ପ୍ରବଣ ହୋଇ ପିଲାମାନଙ୍କ ସାମ୍ନାରେ କିଛି କଥା କହିଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ଏହା ପିଲାଟିର କୋମଳ ମନ ଉପରେ ପ୍ରଭାବ ପକାଇଥାଏ। ପିଲାମାନେ ଗୋଟିଏ କଥା ଭଲ ଭାବେ ମନେରଖ। ମନ ଭିତରକୁ କୌଣସି ନକରାତ୍ମକ ଭାବନାକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ। କାରଣ ଏହା ତୁମ କ୍ୟାରିୟରକୁ ପ୍ରଭାବିତ କରିବା ସହ ତୁମ ଚିନ୍ତନ ଶକ୍ତିକୁ ବାଧା ପହଞ୍ଚାଇଥାଏ। ଯେତେବେଳେ ପାଠପଢ଼ାରେ ବସୁଛି ସବୁବେଳେ ହାଲକା ମନରେ ପଢ଼ା ପଢ଼ି କର। କୌଣସି ଭାରାକ୍ରାନ୍ତ ମନ, ପାଠପଢ଼ା ପାଇଁ ପ୍ରେରଣା ଦେଇପାରିନଥାଏ ବରଂ ଏହା ତୁମ ମନକୁ କେବଳ ବିକ୍ଷିପ୍ତ କରିନଥାଏ ବରଂ କ୍ଷତାକ୍ତ ବି କରିଦେଇଥାଏ। ନିଜ ମନକୁ ଚାପମୁକ୍ତ ରଖି ନିଜ ପାଠପଢ଼ା ପାଇଁ ଏକ ଉପଯୋଗୀ ରୁଟିନଟି ତିଆରି କର। ମନ ଭିତରେ କୌଣସି ପ୍ରଶ୍ନ ଉଠିଲେ ଏହା ତୁମର ବାପା ମା, ଆତ୍ମୀୟ ସୁପରାମର୍ଶଦାତା, ତୁମ ଶ୍ରେଣୀ ଶିକ୍ଷକ ଓ ସର୍ବୋପରି ମୋ ସହିତ ମଧ୍ୟ ଏହାକୁ ଆଲୋଚନା କରି ତୁମେମାନେ ନିଶ୍ଚିନ୍ତ ସମାଧାନର ବାଟ ପାଇପାରିବ। କାରଣ ମନ ଭିତରେ କୌଣସି ଭାବନା ରଖି ବାହାରକୁ ଏହା ପ୍ରକାଶ ନକରିବା ପର୍ଯ୍ୟନ୍ତ ଏହା ତୁମ ଭିତରେ ସର୍ବଦା ଗୋଳେଇଘାଣ୍ଟି ହୋଇ ପାଠପଢ଼ାରେ ବ୍ୟାଘତ ସୃଷ୍ଟି କରିଥାଏ। ପାଠପଢ଼ିବା ସମୟରେ ମନକୁ ପାଠ ଭିତରେ ହିଁ କେନ୍ଦ୍ରିତ କରି ଏକାଗ୍ରତା ରଖିବା ଅଭ୍ୟାସ ଜରୁରୀ ନଚେତ ଏହା ମାନସିକତା କ୍ଷେତ୍ରରେ ଅସନ୍ତୁଳନ ବଢ଼ାଇ ଦେଇଥାଏ।


ଯଶସ୍ୱିନୀ ପଟ୍ଟନାୟକ

ସନ୍ତୁଳିତ ଓ ଆଦର୍ଶ ଜୀବନ ଶୈଳୀ ହେଉଛି ତୁମ ମାନଙ୍କ ଆନନ୍ଦମୟ ଜୀବନ ପାଇଁ ଶ୍ରେଷ୍ଠ ପଥ। ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରି ନିଜ କର୍ତ୍ତବ୍ୟରେ ଦୃଢ଼ତାର ସହ ଆଗେଇ ଚାଲ। କୌଣସି ପରିସ୍ଥିତିକୁ ନେଇ ମନ ଭାରାକ୍ରାନ୍ତ ରହିଲେ ଏଥିରୁ ମୁକୁଳିବା ପାଇଁ ସର୍ବପ୍ରଥମେ ତୁମ ବାପା-ମାଆ ଏବଂ ତୁମ ସାଙ୍ଗମାନଙ୍କ ସହାୟତା ନେଇପାରିବ। ଆଉ ଏ କ୍ଷେତ୍ରରେ ତୁମକୁ ଯଥାର୍ଥ ଓ ଉପଯୁକ୍ତ ଦିଗଦର୍ଶନ ଦେବା ପାଇଁ ମୁଁ ସବୁବେଳେ ତୁମ ପାଇଁ ସହାୟତାର ହାତ ରଖି ପ୍ରସ୍ତୁତ ହୋଇରହିଛି। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତୁମ ମାନଙ୍କର ବିନମ୍ରତା ଓ କଥାବାର୍ତ୍ତାର ଶୈଳୀ ତୁମ ମାନସିକତାର ପ୍ରମାଣ ଦେଇଥାଏ ତେଣୁ ଅନ୍ୟ ମାନଙ୍କ ସାମ୍ନାରେ କଥା ହେବା ସମୟରେ ଏହି ସଦଗୁଣ ତୁମ ପାଇଁ ଆଗାମୀ ଜୀବନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ସବୁବେଳେ ନିଜକୁ ସକରାତ୍ମକ କଥା ଓ କାର୍ଯ୍ୟ ଭିତରେ ବ୍ୟସ୍ତ ରଖ ଯାହାଫଳରେ ତୁମର ମନ ଖୁସିର ମାହୋଲରେ ରହିବା ସହ ଅନାବଶ୍ୟକ, ଅଯଥା ଚିନ୍ତାରୁ ନିଜକୁ ମୁକ୍ତ ରଖି ଏକ ଉତ୍ତମ ଜୀବନ ପାଇଁ ତୁମେ ଅଗ୍ରସର ହୋଇପାରିବ। ପାଠପଢ଼ା ସମୟରେ ବା ନିଜ ଲକ୍ଷ୍ୟ ପଥରେ ଆଗେଇବା ବେଳେ ଅନେକ ପ୍ରତିବନ୍ଧକ ଓ ବାଧକ ତୁମ ସାମ୍ନାକୁ ନିଶ୍ଚିନ୍ତ ଆସିବ ଏହା ପାଇଁ ତୁମେ ଉତ୍ତେଜିତ, ଚାପଗ୍ରସ୍ତ ବା ବିକ୍ଷିପ୍ତ ଭାବନାରେ ନରହି ଏହାର ସମାଧାନ ଖୋଜିବା ପାଇଁ ତୁମର ବାପା-ମାଆ, ସ୍କୁଲ ଶିକ୍ଷୟିତ୍ରୀ ଏବଂ ଆତ୍ମୀୟସ୍ୱଜନ କିମ୍ବା ଗୁରୁଜନଙ୍କ ପରାମର୍ଶ ଗ୍ରହଣ କର। ନକରାତ୍ମକ ଭାବନାକୁ କିପରି ସକରାତ୍ମକରେ ପରିଣତ କରିପାରିବ ସେ କୌଶଳ ଶିଖ।

ଅନେକ ପିଲା ରହିଛନ୍ତି ଯେଉଁମାନେ ନିଜର ବା ପରିବାରର କୌଣସି ଦୁଃଖଦ ଅଘଟଣକୁ ନେଇ ବେଳେ ବେଳେ ଚିନ୍ତିତ ହୋଇପଡ଼ନ୍ତି ଆଉ କେତେକ ଭବିଷ୍ୟତର ଭାବନାକୁ ନେଇ ଚିନ୍ତାଗ୍ରସ୍ତ ଓ ଉଦାସୀନ ହୋଇଯାଆନ୍ତି। ତେଣୁ ସବୁବେଳେ ବର୍ତ୍ତମାନକୁ ଧ୍ୟାନ ଦେଇ କର୍ତ୍ତବ୍ୟନିଷ୍ଠ ହୋଇ ବର୍ତ୍ତମାନର କାର୍ଯ୍ୟ ଉପରେ ହିଁ ଗୁରୁତ୍ୱ ରଖ। ଉତ୍ତମ ବନ୍ଧୁମାନଙ୍କ ସହ ସମୟ ଅତିବାହିତ କର, ଯଥା ସମ୍ଭବ ମୋବାଇଲ ଫୋନରୁ ନିଜକୁ ଦୂରେଇ ବରଂ ନିଜ ପରିବାରର ସମସ୍ତଙ୍କ ସହ ସମୟ କାଟିବାକୁ ଏକ ଭଲ ଅଭ୍ୟାସରେ ପରିଣତ କର। ତୁମ କ୍ୟାରିୟର ତିଆରି ହେବା ପୂର୍ବରୁ ନିଜକୁ ଏକ ସକାରାତ୍ମକ ଓ ପ୍ରଗତିମୂଳକ ଭାବନାରେ ସବୁବେଳେ ବ୍ୟସ୍ତ ରଖ। ମନ ଭିତରେ ବିଚଳିତ ନ ହୋଇ ପାଠପଢ଼ା ସହ କିଛି ସମୟ ଆନନ୍ଦମୟ ମୁହୂର୍ତ୍ତକୁ ଅତିବାହିତ କରିବା ପାଇଁ ରଖ। ନିତିଦିନିଆ ଜୀବନରେ ତୁମେମାନେ ଅନେକ ଘାତପ୍ରତିଘାତକୁ ଖୁବ ପାଖରୁ ଦେଖୁଥିବ, ଆଜିର ଧାଁ ଧଉଡ଼ ଓ ବ୍ୟସ୍ତବହୁଳ ଦୁନିଆରେ ଅନେକ ଅପ୍ରିତୀକର ପ୍ରସଙ୍ଗକୁ ତୁମେ ସାମ୍ନା କରିପାର କିନ୍ତୁ ଏସବୁକୁ ପଛ କରି ତୁମକୁ ଆଗକୁ ବଢ଼ିବା ପାଇଁ ହେବ। ଦୃଢ଼ ମାନସିକତା ରଖି ସକରାତ୍ମକ ଭାବନା ସହ ଆଗେଇ ଚାଲିଲେ ଦେଖିବ ତୁମ ପାଇଁ ଏକ ସୁନ୍ଦର ଜୀବନ ଅପେକ୍ଷା କରିଛି। ତୁମ ମାନଙ୍କ ପାଇଁ ଅନେକ ଅନେକ ଶୁଭ କାମନା।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ, ଇ-ମେଲ

# ରୋଷେଇଘରେ ପହଞ୍ଚିଲାଣି ଅପମିଶ୍ରିତ ଖାଦ୍ୟପଦାର୍ଥ

ଭାରତରେ ଉତ୍ପାଦିତ କେତେକ ଜିନିଷର ଶୁଦ୍ଧତାକୁ ନେଇ ଏବେ ଆନ୍ତର୍ଜାତୀୟ ସ୍ତରରେ ପ୍ରଶ୍ନ ଉଠିଲାଣି। ଏଣୁ ଏକଥା ସ୍ପଷ୍ଟ ଯେ ଆମ ରୋଷେଇ ଘରେ ଅପମିଶ୍ରିତ ବା ଶୁଦ୍ଧତା ଜିନିଷ ପଶିଗଲାଣି। ଏକଥା ଜଣାପଡ଼ିଛି ଯେତେବେଳେ ଭାରତର ନାମଜାଦା ମସଲା ବ୍ରାଣ୍ଡ ଏମ୍‌ଡିଏଚ ଏବଂ ଏଭରେଷ୍ଟର ସମ୍ବର ମସଲା ଏବଂ ମାଛତରକାରୀ ମସଲାକୁ ସିଙ୍ଗାପୁର ଏବଂ ହଙ୍ଗକଙ୍ଗରେ ବ୍ୟାନ କରାଯାଇଛି। କେବଳ ସେତିକି ନୁହେଁ ସିଙ୍ଗାପୁର ଓ ହଙ୍ଗକଙ୍ଗର ବଜାରରେ ଥିବା ସବୁ ଏବଂ ବ୍ରାଣ୍ଡର ମସଲାକୁ ଫେରେଇ ଦିଆଯାଇଛି। ଆଉ ଏକ ସମ୍ବେଦନଶୀଳ ଖବର ହେଉଛି ୟୁରୋପୀୟ ୟୁନିୟନ ମାତ୍ର କିଛି ମାସର ଅନ୍ତରାଳରେ ଭାରତରୁ ରପ୍ତାନୀ ହେଉଥିବା ୫୩୭ଟି ଆଇଟମ (ଜିନିଷ)ରେ ଅପମିଶ୍ରଣ କରାଯାଇଥିବା କଥା କହିଛି। ୟୁରୋପୀୟ ୟୁନିୟନ ପକ୍ଷରୁ କୁହାଯାଇଛି ଯେ ମସଲା ଏବଂ ଏସବୁ ୫୩୭ ଆଇଟମରେ ଏଥିଲିନ ଅକସାଇଡ ନାମକ ରସାୟନ ରହିଛି ଯେଉଁଥିପାଇଁ କ୍ୟାନସର ହୋଇପାରେ। ନାମଜାଦା କମ୍ପାନୀ ନେସଲେ ନାମରେ ମଧ୍ୟ ଏହିଭଳି ଅଭିଯୋଗ ରହିଛି। ଶିଶୁ ଆହାର ପ୍ରସ୍ତୁତକର୍ତ୍ତା ନେସଲେ କମ୍ପାନୀ ଉତ୍ପାଦନ କରୁଥିବା ଶିଶୁଆହାରରେ ଅଧିକମାତ୍ରାର ଚିନି ମିଶା ଯାଉଥିବା କଥା ମଧ୍ୟ ଜଣାପଡ଼ିଛି। ଏକଥା ମଧ୍ୟ ଜଣାପଡ଼ିଛି ଯେ ଆମେରିକା ବିଗତ ୬ମାସ ମଧ୍ୟରେ ଏମ୍‌ଡିଏଚର ମସଲା ମଧ୍ୟରୁ କେତେକ ମସଲାରେ ସାଲମୋନେଲା ବିଷାଣୁ ଥିବା କଥା କହି ଫେରାଇ ଦେଇଛି। ଏହି ବିଷାଣୁ କାରଣରୁ ଡାଇରିଆ ଓ ଜ୍ୱର ଆଦି ହୋଇପାରେ। ଏପରିକି ଅନ୍ତନଳୀର କ୍ଷତି କରିପାରେ ଏହି ବିଷାଣୁ।


ଗୋପାଳ ମହାପାତ୍ର

ଯୋଗଗୁରୁରୁ ବେପାରି ପାଲଟିଥିବା ରାମଦେବଙ୍କ ପତଞ୍ଜଳୀ ସଂସ୍ଥା ପକ୍ଷରୁ ପ୍ରସ୍ତୁତ ଘିଅ, ନୁଡୁଲସ୍ ଏବଂ ଔଷଧରେ ଅପମିଶ୍ରଣ କଥା ମଧ୍ୟ ଜଣାପଡ଼ିଥିଲା। କୋରନା ନାଶକ ଔଷଧ ପାଇଁ ମଧ୍ୟ ରାମଦେବ ବିବାଦରେ ଥିଲେ ଏପରିକି ମାମଲା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯିବା ପରେ ସେ କୋର୍ଟରେ କ୍ଷମା ପ୍ରାର୍ଥନା କରିଥିଲେ। ୟୁରୋପୀୟ ୟୁନିୟନ, ସିଙ୍ଗାପୁର ଏବଂ ହଙ୍ଗକଙ୍ଗର ତଦନ୍ତକାରୀ ସଂସ୍ଥାମାନେ ଅପମିଶ୍ରଣ ସମ୍ପର୍କରେ ଜାଣିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ସେମାନେ ଯେତେବେଳେ ରପ୍ତାନୀ କରାଯାଉଥିବା ମସଲା ଓ ଅନ୍ୟ ଖାଦ୍ୟଦ୍ରବ୍ୟରେ ହାନିକାରକ ରସାୟନ ଥିବା ଜାଣିପାରିଥିଲେ ସେତେବେଳେ ଆମ ଦେଶର ଖାଦ୍ୟ ନିୟାମକ ଏଫଏସଏସଏଆଇ ବାଧ ହୋଇ କହିଥିଲେ ଯେ ଏବେ ଆମେ ଆମ ଦେଶରେ ଏ ସବୁର ତଦନ୍ତ କରିବୁ। କଥା ହେଉଛଇ ଆମେ ଯେଉଁ ଖାଦ୍ୟ ଅବା ଔଷଧ ଖାଉଛେ ତାହା ଶତପ୍ରତିଶତ ଶୁଦ୍ଧ ବୋଲି କିଛି ଗ୍ୟାରେଣ୍ଟି ନାହିଁ। କେଉଁଥିରେ କଣ ମିଶାଯାଇଛି ଏବଂ କେଉଁ ଜିନିଷ ଖାଦ୍ୟ ଉପଯୋଗୀ ସେ ବାବଦରେ କାହାରିକୁ କିଛି ବି ଜଣାନାହିଁ। ଆମ ଦେଶରେ ଡ୍ରଗ୍ କଣ୍ଟ୍ରୋଲରଅଛନ୍ତି, ଖାଦ୍ୟ ନିୟାମକ ରହିଛି, ଉପଭୋକ୍ତା ମନ୍ତ୍ରାଳୟ ମଧ୍ୟ ଅଛି, କିନ୍ତୁ ଏମାନେ କରୁଛନ୍ତି କ'ଣ? ଅପମିଶ୍ରଣ ପାଇଁ ଅନେକ ଆଇନ ମଧ୍ୟ ରହିଛି ଓ ଏହି ଆଇନ୍ ଅନୁସାରେ ଅପମିଶ୍ରଣକାରୀକୁ ୬ମାସରୁ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି ଏବଂ ଏକଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାର ଜୋରିମନାର ବ୍ୟବସ୍ଥା ରହିଛି। ଏସବୁ ଥାଇ ମଧ୍ୟ ବୋଧହୁଏ ଏଥିରେ ମଧ୍ୟ ଅପମିଶ୍ରଣ ରହିଛି ଯେଉଁଥିପାଇଁ ଏଭଳି ଜଘନ୍ୟ ଘଟଣାକୁ ରୋକାଯାଇ ପାରୁନାହିଁ।

ପ୍ରତିବର୍ଷ ହୋଲି ଓ ଦୀପାବଳି ବେଳେ ଟନଟନ ଅପମିଶ୍ରିତ ମିଠାଦ୍ରବ୍ୟ ଧରାପଡ଼ିଥାଏ। ଏ ବାବଦରେ ବିଭିନ୍ନ ସମ୍ବାଦପତ୍ରରେ ଖବର ମଧ୍ୟ ପ୍ରକାଶିତ ହୋଇଥାଏ। ଏସବୁ ଏବେ ଉତ୍ସବର ଅଂଶବିଶେଷ ପାଲଟି ଯାଇଛି। ଉତ୍ସବ ବେଳେ ଧରପଗଡ଼, ଉତ୍ସବ ସରିଲେ ଯେଉଁ କଥାକୁ ସେଇକଥା। ପନିଅର (ଛେନା) ଆମର ରାଷ୍ଟ୍ରୀୟ ଭୋଜ୍ୟ ପଦାର୍ଥ ହୋଇଯାଇଛି। ପନିଅର ବିନା ଉତ୍ତମ ଭୋଜନ ଆଶା କରାଯାଇପାରେନା। କିନ୍ତୁ ଏକ ତଥ ଭିତ୍ତିକ ରିପୋର୍ଟ ଅନୁସାରେ ବଜାରରେ ମିଳୁଥିବା ପନିଅର ମଧ୍ୟରୁ ୭୦ ପ୍ରତିଶତ ଶୁଦ୍ଧ ନୁହେଁ। କିଛି ମାସ ତଳେ ଜଣାପଡ଼ିଥିଲା ଯେ ପିଲାମାନଙ୍କର ପ୍ରିୟ କଟନ କାଟନ କାଣ୍ଡି ରେ କ୍ୟାନସର କାରକ ରସାୟନ ମିଳିଥିଲା। ଏହି କାରଣରୁ ତାମିଲନାଡୁ ଏବଂ ପଣ୍ଡିଚେରୀରେ ଏହାର ବିକ୍ରୀକୁ ନିଷେଧ କରାଯାଇଛି। କିନ୍ତୁ ବାକି ରାଜ୍ୟରେ ଏହାର ବିକ୍ରୀ ଚାଲିଛି। ଖାଦ୍ୟ ତେଲ ମଧ୍ୟ ଅପମିଶ୍ରଣର ଅପନିନ୍ଦାରୁ ବର୍ତ୍ତି ପାରିନାହିଁ। ପାମଅଏଲରେ ଅପମିଶ୍ରଣ ହେଉଛି ବୋଲି ଅନେକ ତଥ୍ୟ ରହିଛି। ବଜାରରେ ମିଳିଥିବା ରିଫାଇନ ତେଲ ଓ ଶୋରିଷ ତେଲ ମଧ୍ୟ ଶୁଦ୍ଧି ନୁହେଁ। ବଜାରରେ ମିଳୁଥିବା ତରଭୁଜ ଭଳି ଫଳ ଯେ ଶୁଦ୍ଧି ସେକଥା ମଧ୍ୟ କେହି କହିପାରିବେ ନାହିଁ। ତରଭୁଜର ଆକାର ବୃଦ୍ଧି ପାଇଁ ଓକ୍ସିଟୋସିନ ଏବଂ ଫରକ୍ଲୋରିନ୍ୟୁରାନ ଭଳି କେମିକାଲର ବ୍ୟବହାର କରାଯାଉଛି ଏବଂ ଏହାର ଭିତର ଅଂଶକୁ ଲାଲ କରିବା ପାଇଁ ଇରୋଥ୍ରନସିନ ବ୍ୟବହାର କରାଯୋଉଥିବା ଜଣାପଡ଼ିଛି।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଭାରତରେ କୌଣସି ଜିନୀଷ ଶୁଦ୍ଧ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଯେତେବେଳେ ୟୁରୋପୀୟ ୟୁନିୟନ ଭାରତରୁ ଯାଉଥିବା ମସଲା ସାମଗ୍ରୀରେ କ୍ୟାନସର କାରକ କେମିକାଲ ରହିଥିବା କଥା କହିଛନ୍ତି ସେତେବେଳ ସେସବୁ ସାମଗ୍ରୀ ଶୁଦ୍ଧ ବୋଲି କେମିତି କୁହାଯାଇପାରିବ। ଚାଉଳ, ଗହମ ଏବଂ ସୋୟା ଭଳି ଆମର ନିୟମିତ ଭୋଜନ ହେଉ ବା ଘିଅ, ଦୁଗ୍ଧ ଏବଂ ଲହୁଣି ଭଳି ଡାଏରୀ ଉତ୍ପାଦ, ପେୟପଦାର୍ଥ ଏବଂ ମସଲା ଏସବୁରେ ଅପମିଶ୍ରଣହେଉଛି। ଦୁଗ୍ଧରେ ପାଣି ମିଶାଇବାକୁ ଏବେ ଆଉ ଅପମିଶ୍ରଣ କୁହାଯାଉନାହିଁ। ଦୁଗ୍ଧରେ ୟୁରିଆ ଓ ଡିଟରଜେଣ୍ଟ ମିଶାଯାଉଥିବା ବାବଦରେ ଅନେକ ଅଭିଯୋଗ ମଧ୍ୟ ରହିଛି। ଅପମିଶ୍ରିତ ବା ନକଲି ଔଷଧ ମଧ୍ୟ ଅଧିକ ଭାବେ ବଜାରକୁ ଆସୁଥିବା ବାବଦରେ କିଛଇମାସ ତଳେ ଜଣାପଡ଼ିଥିଲା। ଭାରତକୁ ବିଶ୍ୱର ଫାର୍ମାସି ହବ୍ ବୋଲି କୁହାଯାଏ କିନ୍ତୁ ଭାରତରେ ଉତ୍ପାଦିତ କଫ୍ ସିରପ, ଆଇଡ୍ରପ ଠାରୁ ଆରମ୍ଭ କରି କ୍ୟାନସରର ଔଷଧ ପୁରାମାତ୍ରାରେ ନକଲି ବୋଲି ଜଣାପଡ଼ିଛି। ସରକାରୀ ଚିକିତ୍ସାଳୟରେ ମାଗଣାରେ ଦିଆଯାଉଥିବା ଔଷଧ ଏବଂ ଜନ ଔଷଧ ଷ୍ଟୋରରେ ମିଳିଥିବା ଔଷଧକୁ ଲୋକେ ଭରଷା କରି ପାରୁନାହାଁନ୍ତି କାହିଁକି? ରାଜ୍ୟରେ ଦେଶରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢୁଛି କାହିଁକି? କମ୍ ବୟସର ପିଲାଙ୍କୁ ମଧ୍ୟ ଅନେକ ପ୍ରକାରର ରୋଗ ହେଉଛି କାହିଁକି? ଏସବୁର ଉତ୍ତର ଦେବ କିଏ?

ଏସବୁ କ'ଣ ହୋଇଗଲା? ଆମେ ଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରୁଥିବା ପବନରେ ବିଷ। ପାନୀୟ ଜଳରେ କେମିକାଲ। ଖାଦ୍ୟରେ ପେଷ୍ଟିସାଇଡ଼ ଏବଂ କେମିକାଲ। କ'ଣ କରିବା? ଖାଦ୍ୟ ପଦାର୍ଥରେ ଅପମିଶ୍ରଣ କଥା ଜଣାପଡ଼ଇବା ପରେ ହି ଫୁଡ଼ ସେଫଟି ଆଣ୍ଡ ଷ୍ଟାଣ୍ଡର୍ଡସ ଅଥରିଟି ଅଫ ଇଣ୍ଡିଆର କାର୍ଯ୍ୟପ୍ରଣାଳିକୁ ନେଇ ପ୍ରଶ୍ନ ଉଠୁଛି। ଏହି ସଂସ୍ଥାର ଦାୟିତ୍ୱ ହେଉଛି ଦେଶରେ ଉତ୍ପାଦିତ ଖାଦ୍ୟ ପଦାର୍ଥର ଗୁଣବତ୍ତାକୁ ସୁନିଶ୍ଚିତ କରିବା। ସବୁପରେ ଗୋଟିଏ କଥା ସ୍ପଷ୍ଟ ଯେ କମ୍ପାନୀମାନେ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି। ଅତୀତରେ ମଧ୍ୟ ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟପଦାର୍ଥର ଗୁଣବତ୍ତା ଏବଂ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ପ୍ରଶ୍ନ ଉଠିଥିଲା। ଲୋକଙ୍କ ସ୍ୱସ୍ଥ୍ୟପ୍ରତି ସରକାରଙ୍କ ସମ୍ବେଦନଶୀଳତାକୁ ନେଇ ଏବେ ପ୍ରଶ୍ନ ଉଠୁଛି ଓ ପ୍ରଶ୍ନ ଉଠିବା ସ୍ୱାଭାବିକ୍। ସ୍ୱସ୍ଥ୍ୟହାନୀକାରକ ଖାଦ୍ୟପଦାର୍ଥର ବିକ୍ରି ସୁସ୍ଥ ଭାରତର ସ୍ୱପ୍ନକୁ ସାକାର କରି ପାରିବ କି? ଅଧିକ ବିକ୍ରୀ ଏବଂ ଅଧିକ ଲାଭ ପାଇଁ କମ୍ପାନୀମାନେ ଭ୍ରାମକ ବିଜ୍ଞାପନ ଦେଉଛନ୍ତି। ଏଭଳି ବିଜ୍ଞାପନରେ ଦିଆଯାଉଥିବା ପ୍ରତିଶୃତିର ସତ୍ୟତା ବାବଦରେ ଜାଣିବା ମଧ୍ୟ ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ନୁହେଁ। ଯଦି ଏଭଳି ଅପମିଶ୍ରିତ ଖାଦ୍ୟଦ୍ରବ୍ୟର ବିକ୍ରି ଜାରି ରହେ ତେବେ କିଛିବର୍ଷ ମଧ୍ୟରେ ଆମେ ଦେଖୁଥିବା ସୁସ୍ଥ ଭାରତର ସ୍ୱପ୍ନର ବିପରିତ ଆମ ଦେଶ ଅସୁସ୍ଥ ଭାରତରେ ପରିଣତ ହେବ ନିଶ୍ଚୟ।

*ରାମଚନ୍ଦ୍ରପୁର, ରଣପୁର*
*ମୋ : ୯୪୩୮୪୮୫୦୯୪*

# ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟ

କୋର୍ଟ କାର୍ଯ୍ୟ ଗୁଡ଼କ ଆଞ୍ଚଳିକ ଭାଷାରେ କାର୍ଯ୍ୟ କରିବା ନେଇ ମାନ୍ୟବର ସୁପ୍ରିମକୋର୍ଟ ଗୁରୁତ୍ୱ ପ୍ରଦାନ କଲାପରେ ଓଡ଼ିଶା ହାଇକୋର୍ଟ ଏହି ବ୍ୟବସ୍ଥାକୁ ଗ୍ରହଣ କରି ବ୍ୟବସ୍ଥିତ ଭାବେ ମାନ୍ୟବର କୋର୍ଟଙ୍କ ଅନୁବାଦ ହୋଇଥିବା ରାୟର ଓଡ଼ିଆ କପି ହିଁ କେବଳ ପକ୍ଷଭୁକ୍ତଙ୍କୁ ବୁଝିବା ପାଇଁ ପ୍ରଜୁଜ୍ୟ। କୋର୍ଟ କାର୍ଯ୍ୟ କିମ୍ବା ଅନ୍ୟ ସରକାରୀ କାର୍ଯ୍ୟ ପାଇଁ ରାୟର ଇଂରାଜୀ କପି କେବଳ ବ୍ୟବହାର ହୋଇପାରିବ ବୋଲି ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଗତ ୨୦୨୩ ଫେବୃଆରୀରୁ ସ୍ୱଚ୍ଛ କର୍ମଚାରୀଙ୍କ ଦ୍ୱାରା ଓଡ଼ିଆରେ କୋର୍ଟଙ୍କ ଅନୁଦିତ ରାୟ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିଲା। ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟ ଗୁଡ଼ିକ ଓଡ଼ିଆ ଅନୁବାଦର ବ୍ୟବସ୍ଥା ହୋଇଛି। ଏଯାବତ ମାନ୍ୟବର ସୁପ୍ରିମକୋର୍ଟରେ ୧୯୫୧ ମସିହାରୁ ଓଡ଼ିଶା ସମ୍ପର୍କିତ ଅନେକ ଗୁରୁତ୍ୱ ତଥା ବିଚାରକ୍ଷେତ୍ରରେ ଏକ ଦିଗାନ୍ତ ରାୟ ରହିଥିବା ପାଖାପାଖି ୧୫୫ଟି ରାୟର ଓଡ଼ିଆ ଅନୁବାଦ କାର୍ଯ୍ୟ ହୋଇସାରିଲାଣି। ଏହା ଭିତରେ ଓଡ଼ିଶା ବନାମ ଏମଜିରୁଙ୍ଗଣ୍ଟ, ଅର୍ଜୁନଲାଧା, ଏମ.ଏ.ଟୁଲକ, ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ବନାମ ଓଡ଼ିଶା, ମହମ୍ମଦ ସିରାଜଉଦ୍ଦିନ, ମହନ୍ତ ଶ୍ରୀ ଜଗନ୍ନାଥ ରାମାନୁଜ ଦାସ ବନାମ ଓଡ଼ିଶା, ଏସ.ଲାଲ, କଳିଙ୍ଗ ଟ୍ୟୁସର ଆୟକର ମାମଲା, ବୃନ୍ଦାବନ ନାୟକ ବନାମ ଭାରତୀୟ ନିର୍ବାଚନ ଆୟୋଗ, ମହାପ୍ରଭୁ ଲିଙ୍ଗରାଜ ବିଜେ ବନାମ ନିତ୍ୟାନନ୍ଦ ମିଶ୍ର, ଲୋକାୟୁକ୍ତ ବନାମ ପ୍ରଦୀପ ପାଣିଗ୍ରାହୀ, ଦୀନବନ୍ଧୁ ସାହୁ ବନାମ ଯଦୁମଣି ମଙ୍ଗରାଜ ପ୍ରଭୃତି ଅନ୍ୟତମ। ଇତିମଧ୍ୟରେ ମାନବ୍ୟର ଓଡ଼ିଶା ହାଇକୋର୍ଟର ୮୧ଟି ରାୟ ଓଡ଼ିଆରେ ଅନୁବାଦ କାର୍ଯ୍ୟ ହୋଇସାରିଲାଣି। ସେଗୁଡ଼ିକ ମଧ୍ୟରେ ଭାରତ ସରକାର ବନାମ କଲିକତା ସ୍ପିଙ୍ଗ ଲିମିଟେଡ, କିଡ଼ ବନାମ ଆୟକର ବିଭାଗ, କେ. ରବୀନ୍ଦ୍ରପାତ୍ର ବନାମ ଓଡ଼ିଶା (ଭିଜିଲାନ୍ସ) ପ୍ରଭୃତି ରହିଛି। ଏହା ସହ ଓଡ଼ିଶା ହାଇକୋର୍ଟର ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟର ହିନ୍ଦୀ ଅନୁବାଦ ହୋଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ପକ୍ଷରୁ କରାଯାଇ ଅଭିଲେଖାଗାରରେ ରଖାଯାଇଛି। ଏବେ ସୁଦ୍ଧା ଲଳିତା କୁମାରୀ ବନାମ ଉତ୍ତର ପ୍ରଦେଶ ସରକାର, ଅର୍ନେଶ କୁମାର ବନାମ ବିହାର ସରକାର ଭଳି ଦୁଇଟି ମାଇଲ ଖୁଣ୍ଟ ରାୟର ଓଡ଼ିଆ ଅନୁବାଦ କରି ରାଜ୍ୟ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନସେବା ପ୍ରାଧିକରଣକୁ ପଠାଯାଇଛି। ଏହି ଅନୁବାଦ କାର୍ଯ୍ୟ ଦ୍ୱାରା ଆଗକୁ ଜନସଚେତନତା ବୃଦ୍ଧି କରାଯିବା ସହ ଲୋକମାନେ ଏ କାର୍ଯ୍ୟକ୍ରମରେ କିପରି ନିଜକୁ ଯୋଡ଼ିପାରିବେ ସେ ଦିଗରେ କାର୍ଯ୍ୟକରାଯାଉଛି। ତେବେ ସବୁଠାରୁ ବଡ଼ ଖୁସିର କଥା ବର୍ତ୍ତମାନ ନୂଆ ଓଡ଼ିଆ ଆଇନ ଶବ୍ଦ କୋଷ ବା ଡିକ୍ସିନାରୀ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଏହାର ଏକ ବଡ଼ କଳେବର ସହିତ ବିଶାଳ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଛି। ଏଠାରେ ଉଲ୍ଲେଖ କରାଯାଇପାରେ କି ମାନ୍ୟବର ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରିବା ପାଇଁ ଡକ୍ଟର ଜଷ୍ଟିସ ସଞ୍ଜିବ କୁମାର ପାଣିଗ୍ରାହୀ ଇତିହାସରେ ପ୍ରଥମ ଥର ପାଇଁ ଓଡ଼ିଆ ଭାଷାରେ ୨୦୨୩ ଜୁଲାଇ ୨୬ ତାରିଖରେ ନିଜର ରାୟ ପ୍ରକାଶ କରିଥିଲେ ତାହା ଜାତୀୟ ସ୍ତରରେ ବେଶ ଚର୍ଚ୍ଚା ଆରମ୍ଭ କରିବା ସହ ଆଞ୍ଚଳିକ ଭାଷା ନ୍ୟାୟାଳୟ ପାଇଁ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ମଧ୍ୟ ଆଲୋଚନାର ପ୍ରସଙ୍ଗ ହୋଇଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ମୋଟ ୪୦୫୮ଟି ଅଧିନିୟମ ଖାରଦ ବା ରଦ୍ଦ ହୋଇଯାଇଛି। ସେଥିମଧ୍ୟରୁ କେବଳ ଓଡ଼ିଶାର ୫ଟି ଅଧିନିୟମ ରହିଛି। ସେଗୁଡ଼ିକ ହେଲା ଦି ଟ୍ରିବ୍ୟୁଟାରୀ ମହଲାସ୍ ଅଫ୍ ଓଡ଼ିଶା ଆକ୍ଟ-୧୮୯୩, ଦି ବେଙ୍ଗଲ ବିହାର ଆଣ୍ଡ ଓଡ଼ିଶା ଆଣ୍ଡ ଆସାମ ଲ ଆକ୍ଟ-୧୯୧୨, ଦି ଓଡ଼ିଶା ଷ୍ଟେଟ ଲେଜିସଲେଚର (ଡେଲିଗେସନ ଅଫ ପାୱାର) ଆକ୍ଟ-୧୯୬୧, ଦି ଓଡ଼ିଶା ଲେଜିସଲେଚର ଆସେଂବ୍ଲି (ଏଗଜିକ୍ୟୁସନ ଅଫ ଡ୍ୟୁରେସନ) ଆକ୍ଟ-୧୯୬୬ ଏବଂ ଦି ଓଡ଼ିଶା ଷ୍ଟେଟ ଲେଜିସଲେଚର (ଡେଲିଗେସନ ଅଫ ପାୱାର) ଆକ୍ଟ-୧୯୭୩। ଏହାପରେ ବର୍ତ୍ତମାନ ଓଡ଼ିଶାରେ ୨୮୩ଟି ଅଧିନିୟମ, ୩୬ଟି ବିଜ୍ଞପ୍ତି, ୨୧ଟି ନିୟମ, ୨ଟି ଆଦେଶନାମା ରହିଛି। ତେବେ ଏ ସମସ୍ତ ଅଧିନିୟମକୁ ପର୍ଯ୍ୟାୟ କ୍ରମେ ଓଡ଼ିଆ ଅନୁବାଦ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି।ବର୍ତ୍ତମାନ ସୁଦ୍ଧା ୧୧ଟି ଅଧିନିୟମ ସମ୍ପୂର୍ଣ୍ଣ ଭାବେ ଅନୁଦିତ ହୋଇ ସର୍ବସାଧାରଣଙ୍କ ପାଇଁ ଇଣ୍ଡିଆ କୋଡ୍ ୱେବସାଇଟରେ ଉପଲବ୍ଧ ଅଛି ବୋଲି ରାଜ୍ୟ ଆଇନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେଗୁଡ଼ିକ ହେଲା ଗଞ୍ଜାମ ଓ ବୌଦ୍ଧ ଗ୍ରାମପଦ ଉଚ୍ଛେଦ ଅଧିନିୟମ-୧୯୬୯, ଗଞ୍ଜାମ କ୍ଷୁଦ୍ରଧାରକ ଅନୁତୋଷ ଅଧିନିୟମ-୧୯୪୭, ଓଡ଼ିଶା ମୌଳିକ ଶିକ୍ଷା ଆଇନ-୧୯୫୧, ଓଡ଼ିଶା କନିନିକା ରୋପଣ ଅଧିନିୟମ-୧୯୬୦, ଓଡ଼ିଶା ବଂଶାନୁଗତ ଗ୍ରାମପଦ (ଉତ୍ସାଦକ) ଅଧିନିୟମ-୧୯୬୨, ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉତ୍ସାଦକ) ଅଧିନିୟମ-୧୯୬୩, ଓଡ଼ିଶା ଅବ୍ୟପାରିକ କମ୍ପାନୀ ଅଧିନିୟମ ୧୯୫୯, ଓଡ଼ିଶା ରାଜସ୍ୱ ପ୍ରଶାସନ ୟୁନିଟ ଅଧିନିୟମ-୧୯୬୩, ଓଡ଼ଇଶା ବ୍ରିକିକର ବୈଧୀକରଣ ଅଧିନିୟମ-୧୯୬୧, ଓଡ଼ିଶା ସମ୍ପତ୍ତି ଗ୍ରାମ ଶାସନ ଠାରେ ନିଧାନ ଅଧିନିୟମ-୧୯୬୪, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧିନିୟମ ୧୯୫୨। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭିନ୍ନ ରାୟ ଓଡ଼ିଆରେ ଅନୁବାଦ ହେବା ଦ୍ୱାରା ଜଣେ ସାଧାରଣ ଲୋକଟି ମଧ୍ୟ ବିଚାର ବ୍ୟବସ୍ଥା ସହ ଯୋଡ଼ି ହୋଇପାରିବ। ବର୍ଷ ବର୍ଷ ଧରି ସେମାନେ ବୁଝିପାରୁନଥିବା ଆଇନ କ୍ଷେତ୍ରର ଅନେକ ଜଟିଳ ପ୍ରସଙ୍ଗକୁ ନିଜେ ବୁଝିପାରିବା ସହ ତାଙ୍କ ଓକିଲା ମହାଶୟଙ୍କ ସହ ବେଶ ଭଲ ଭାବେ ଏ ନେଇ ତାଙ୍କ ମତ ରଖିପାରିବେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କର ବିଶେଷକରି ନିଜ ଆଇନଗତ ମାମଲାରେ ସବୁ ପ୍ରସଙ୍ଗକୁ ବୁଝିବା ଆଉ ଜାଣିବାର ମଧ୍ୟ ଅଧିକାର ଅଛି। ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟ ସହ ଓଡ଼ିଆ ଅନୁବାଦ ନିଶ୍ଚିନ୍ତ ଭାବରେ ଯୁଗପଯୋଗୀ ଐତିହାସିକ ଓ ପ୍ରଶଂସନୀୟ। ନିକଟରେ ଓଡ଼ିଶାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇ କୋଟି କୋଟି ଓଡ଼ିଆଙ୍କ ମାତୃଭାଷା ପ୍ରତି ଆବେଗ ଓ ଭଲପାଇବାକୁ ବଢ଼ାଇବାରେ ସହାୟକ ହୋଇଥିବାବେଳେ ଓଡ଼ିଆ ଅନୁବାଦ ଓ ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟଟି ନିଶ୍ଚିନ୍ତ ଭାବରେ ପ୍ରତିଟି ଓଡ଼ିଆଙ୍କ ଗୌରବର ଟେକକୁ ବଢ଼ାଇ ପାରିଛି ଓ ବିଚାରାଳୟ ଯେ ସମସ୍ତଙ୍କର ଆଉ ସମସ୍ତଙ୍କର ଆଶା ଭରଷାର କେନ୍ଦ୍ର ଏହା ବି ପ୍ରମାଣିତ ହୋଇପାରିଛି।


ପୁଷ୍ପମିତ୍ର ମହାପାତ୍ର

ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୨୨୫୬୮୯




# ରାଜ୍ୟରେ ତିନି ହଜାର କିଲୋମିଟର ରାସ୍ତାର ହେବ ସାଇନେଜ ଅଡ଼ିଟ

ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିହବନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଯଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସତସଙ୍ଗ କେନ୍ଦ୍ର ପକ୍ଷରୁ ଜାରକାଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦିବସ ବ୍ୟାପି ବହୁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସତସଙ୍ଗ କେନ୍ଦ୍ରର ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ତହସିଲଦାର ସ୍ୱାଗତ ଦାସ, ଅତିଥି ଭାବେ ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ଓ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜଳବାୟୁ ପରିବର୍ତନ ସମୟରେ ବୃକ୍ଷର ଆବଶ୍ୟକତା ଉପଲବ୍ଧି କରି ଅତିଥିମାନେ ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ରମେଶ ଚନ୍ଦ୍ର ଜେନା, କୁଳମଣି ସାମଲ, ଅଜୟ କୁମାର ନାଥ, ନିଗମ ମହାନା, ସନ୍ତୋଷ ଦାସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଗୁରୁଭାଇମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ନାରାୟଣ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକ ଦୁର୍ଘଟଣାରେ ନାବାଳକ ସମେତ ୨ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଶୁକ୍ରବାର ସକାଳେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ସମେତ ଜଣେ ନାବାଳକ ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଯାଜପୁର ଅଂଚଳର ଦୀଲିପ ବାରିକ (୪୨) ନିଜ ଭଉଣୀ ଓ ଭଣଜା ବାଦଲ ପୃଷ୍ଟି (୬)ଙ୍କୁ ବାଇକରେ ବସାଇ କଟକ ଅଭିମୁଖେ ଯାଉଥିବା ବେଳେ ନେଉଳପୁର ନିକଟରେ ବାଇକ ଆଗକୁ କୁକୁର ପସି ଆସିବାରୁ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ । ଫଳରେ ଦୀଲିପଙ୍କ ଗୋଡ ଭାଙ୍ଗିଯାଇଥିଲା ବେଳେ ବାଦଲ ଆହତ ହୋଇଥିଲା । ଖବର ପାଇ ଚଣ୍ଡିଖୋଲ ଦମକଳ ବାହୀନୀ ଆହତମାନଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଉଭୟ ମାମୁ ଭଣଜାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

## ମଲ୍ଲିପଦରରେ ମୋତିଆ ବିନ୍ଦୁ ଚିହ୍ନଟ ଶିବିର

ଖୋର୍ଦ୍ଧା (ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ପଂଚାୟତ ମଲ୍ଲିପଦର ଗ୍ରାମର ନୂଆ ପାରିଜାତ କ୍ଲବ ପରିସରରେ ରାଷ୍ଟ୍ର ଶକ୍ତି ମିଶନ ଓ ଆମ ଗାଁ ମହୋତ୍ସବ କମିଟି ପକ୍ଷରୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏ ନେଇ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ଗାଁ ମହୋତ୍ସବ କମିଟିର ଉପଦେଷ୍ଟା ସୁବାସ ମହାନ୍ତି, ସଭାପତି ବିଦ୍ୟାଧର ମହାରଣା, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁରୋଗର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଭୁବନେଶ୍ୱରର ସେଂଟର ଫର ସାଇଟ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର, ମାନସ ସିଂହ ଓ ଦିପ୍ତୀରଂଜନ ପଣ୍ଡା ଯୋଗଦେଇ ମୋଟ ୫୬ ଜଣଙ୍କୁ ପରୀକ୍ଷା କରାଯାଇଥିଲା । ସେଥିରୁ ୧୮ ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବାବେଳେ ମାଗୁଣୀ ସାମନ୍ତରାୟ, ରବୀନ୍ଦ୍ର କୁମାର ବାରିକ, ପ୍ରେମାନନ୍ଦ ମହାପାତ୍ର, ପ୍ରେମାନନ୍ଦ ସେଠୀ, ଚକ୍ରଧର ମହାରଣା, ବିକ୍ରମାଦିତ୍ୟ ପଣ୍ଡା ଓ ରଂଜନ କୁମାର ଦାଶ ସହଯୋଗ କରିଥିଲେ।

# ଦେଶରେ କୃଷିର ସାମଗ୍ରିକ ସ୍ଥିତି !

ଭୁବନେଶ୍ୱର (ପିଏନ୍): ଭାରତୀୟ କୃଷିର ସାମଗ୍ରିକ ସ୍ଥିତି ସନ୍ତୋଷଜନକ ନୁହେଁ । ସେଥିରେ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ଯେ ଚାଷବାସର ହାଲତ ଭଲ ରହିବ ତାହା ଭାବିବା ଠିକ୍ ନୁହେଁ । ଦୀର୍ଘକାଳଧରି ଓଡ଼ିଶାର କୃଷି କ୍ଷେତ୍ର ଅବହେଳିତ ହୋଇରହିବା ପରେ ଗତ ୪/୫ ବର୍ଷ ଧରି ରାଜ୍ୟ ସରକାର ଏ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଚାଷବାସ ପାଇଁ ଅଧିକ ପୁଞ୍ଜିନିବେଶ, ସ୍ୱତନ୍ତ୍ର ନୀତି ପ୍ରଣୟନ ଓ ଯୋଜନା ଆଦି ହାତକୁ ନିଆଯାଇଛି । ସେଥିମଧ୍ୟରୁ ସ୍ୱତନ୍ତ୍ର କୃଷି ବଜେଟ ଅନ୍ୟତମ । ଏହି କ୍ଷେତ୍ରର ଦକ୍ଷତାର ପୂର୍ଣ୍ଣ ଉପଯୋଗ କରିବାପାଇଁ ଯେଉଁ ଉଦ୍ୟମ ହେଉଛି ତାହା ତତ୍କାଳ ବା କମ୍ ସମୟରେ ଫଳ ଦେବାର ସମ୍ଭାବନା କ୍ଷୀଣ । ଏହା ଜାଣି ମଧ ରାଜ୍ୟ ସରକାର କୃଷିକ୍ଷେତ୍ରର ଉପଲବ୍ଧି ନେଇ ମଝିରେ ମଝିରେ ଯେଉଁସବୁ ଦାବି କରୁଛନ୍ତି ତାହା ହାସ୍ୟାସ୍ପଦ ଲାଗେ । ଏଭଳି ଆକାଶରୁ ତୋଳିଆଣିବା ଭଳି ସଫଳତା ପଛରେ ପରିସଂଖ୍ୟାନର ପ୍ରହେଳୀ ସହିତ ରାଜନୈତିକ କାରଣ ଅଧିକ । ସଫଳତାର ଶ୍ରେୟ ନେବାକୁ ସରକାରଙ୍କୁ କେହି ମନାକରୁନାହାନ୍ତି; କିନ୍ତୁ ଉଦ୍ୟମର ଗଛ ଭୂଇଁରୁ ଉଠିବା ପୂର୍ବରୁ ତା'ର ଫଳକୁ ନେଇ ଦାବି ଜଣାଇବା ସର୍ବଦା ହାସ୍ୟାସ୍ପଦ । ଜାତୀୟ କୃଷି କର୍ମଣ ପୁରସ୍କାର ସେଥିମଧ୍ୟରୁ ଗୋଟିଏ । ଏହା ଜାତୀୟ ସ୍ତରରେ ବିଭିନ୍ନ ଶ୍ରେଣୀର ରାଜ୍ୟମାନଙ୍କୁ ଭିନ୍ନଭିନ୍ନ ବର୍ଗରେ ମିଳିଥାଏ । ଓଡ଼ିଶା ଯେଉଁ ବର୍ଗରେ ଅଛି ସେଥିରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବର୍ଗର ରାଜ୍ୟମାନେ ରହିଛନ୍ତି । ବିଗିଡ଼ିଯାଇଥିବା ଉତ୍ପାଦନ ଧାରାକୁ ବ୍ୟବସ୍ଥିତ କରି ଅମଳ ବଢ଼ାଇବାପାଇଁ ଏହି ପୁରସ୍କାର ଦିଆଯାଇଥାଏ । ସେଥିପାଇଁ ସେହି ବର୍ଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ । ଏହା ଜାତୀୟ ସ୍ତରରେ ପ୍ରଦାନ କରାଯାଉଥିଲେ ମଧ ସର୍ବଭାରତୀୟ ସ୍ତରରେ ଏକକ ଶ୍ରେଷ୍ଠ ପ୍ରଦର୍ଶନର ସଫଳତା ନୁହେଁ । ତେଣୁ ଏହି ସଫଳତାରେ ଆତ୍ମହରା ନ ହୋଇ ବରଂ ପ୍ରଥମ ବର୍ଗରେ ଥିବା ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ । ଦ୍ୱିତୀୟ ପ୍ରସଙ୍ଗଟି ହେଲା ଡାଲିଜାତୀୟ ଫସଲ ଓ ତୈଳବୀଜ ଉତ୍ପାଦନ ପାଇଁ ରାଜ୍ୟରେ ଆବଶ୍ୟକ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଏ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ । ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ନ ପାରିବାର କାରଣ ଅନୁଧ୍ୟାନ କରି ସରକାର ପଦକ୍ଷେପ ନେଲେ ଭଲ ହେବ । କପା, ଆଖୁ, ଛୋଟଶସ୍ୟ ଆଦି କଥା ମଧ ଆମକୁ ଚିନ୍ତା କରିବାକୁ ପଡ଼ିବ; କାରଣ ଏଥିରେ ଓଡ଼ିଶା ବହୁତ ପଛରେ । ଉଦ୍ୟାନକୃଷି ମଧ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରେ । ଆମର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରଦର୍ଶନ ଅପେକ୍ଷାକୃତ ଭଲ ହେଲେ ମଧ ଏ କ୍ଷେତ୍ରରେ ବିଶାଳ ସମ୍ଭାବନାକୁ ଏବେ ମଧ ଉପଯୋଗ କରାଯାଇ ପାରିନାହିଁ । ନମୁନା ସର୍ଭେ ତଥ୍ୟକୁ ଭିତ୍ତିକରି ଏବେ ରାଜ୍ୟ ସରକାର କହୁଛନ୍ତି ଓଡ଼ିଆଚାଷୀଙ୍କ ଆୟ ଦୁଇଗୁଣ ହୋଇଛି । ଏ ଦାବି ପଛରେ ବିଶେଷ କିଛି ଗର୍ବ କରିବା ବା ବାହାଦୁରି ନେବାର ନାହିଁ । ଦଶବର୍ଷ ତଳେ ଦେଶ ବା ରାଜ୍ୟର ସାଧାରଣ ମୂଲ୍ୟସୂଚୀ ଯାହାଥିଲା ଏବେ ତାହା ପାଖାପାଖି ୫ଗୁଣ ବଢ଼ିଛି । ସାମଗ୍ରୀ ମହଙ୍ଗା ହୋଇଥିବାବେଳେ ଟଙ୍କାର କ୍ରୟଶକ୍ତି କମିଛି । ସବୁ ଜିନିଷର ମୂଲ୍ୟ ବଢ଼ିଥିବାବେଳେ କୃଷିଜାତ ସାମଗ୍ରୀର ମୂଲ୍ୟ ବଢ଼ିଛି । ତଦନୁସାରେ ଚାଷୀ ତା'ର ଉତ୍ପାଦିତ ସମାଗ୍ରୀର ମୂଲ୍ୟ ବଢ଼ାଇବାକୁ ବାଧ ହୋଇଛି । ଏହି ମୂଲ୍ୟରେ ତା'ର ଉତ୍ପାଦନ ଖର୍ଚ୍ଚ, ନିଜସ୍ୱ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି । ତେଣୁ ତାହାର ଆୟ ବଢ଼ିଛି ବୋଲି କହିବା ଠିକ୍ ନୁହେଁ । ଯଦି ଚାଷୀଙ୍କର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥା'ନ୍ତା, ତା'ହେଲେ ସେମାନେ ଲାଭବାନ ହୋଇଥାନ୍ତେ । କୃଷି କ୍ଷେତ୍ରରେ ବିଭିନ୍ନ ଅଗ୍ରଣୀ ରାଜ୍ୟର କୃଷିଜାତ ଦ୍ରବ୍ୟ ଅମଳ ପରିମାଣ ହେକ୍ଟର ପିଛା ଯାହା ଓଡ଼ିଶା ସେଥିରେ ବହୁ ପଛରେ । ସେହିଭଳି ଚାଷଜମିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କ୍ଷେତ୍ରରେ ମଧ ଓଡ଼ିଶା ପଛରେ । ଏଠାରେ ସାର ବ୍ୟବହାର ମଧ ଜାତୀୟ ହାରଠାରୁ କମ୍ । ସର୍ବୋପରି ଓଡ଼ିଶାରେ ଏବେ ବିଭିନ୍ନ କାରଣରୁ ଅଧା ଚାଷଜମି ପଡ଼ିଆ ପଡୁଛି । ଚାକିରି କରିଥିବା ଲୋକଙ୍କ ବେତନ, ମଜୁରି ଓ ଦରଦାମ ଯେଉଁ ତୁଳନାରେ ବଢ଼ିଛି ତଦନୁସାରେ ଚାଷୀର ଆୟ ନଗଣ୍ୟ । ତେଣୁ ଏହାକୁ ନେଇ ସରକାର ଛାତି ଫୁଲେଇ ବାହାବା ନେବା ତୁଚ୍ଛା ବାହାଦୁରି । ଓଡ଼ିଆ ଚାଷୀର ଆୟ ଯଦି ୪/୫ ଗୁଣା ବଢ଼ିଥା'ନ୍ତା ତେବେ ଏହାକୁ ନେଇ ଗର୍ବ କରିହୋଇଥାନ୍ତା । ରାଜ୍ୟର ମୋଟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ । ସେମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପରିବାର ପୋଷଣ ପାଇଁ ଚାଷ କରିଥାନ୍ତି । ଏହାସତ୍ତ୍ୱେ ରାଜ୍ୟର ମୋଟ ଘରୋଇ ଉତ୍ପାଦନରେ କୃଷିକ୍ଷେତ୍ରର ଅବଦାନ ୧୮ ଶତାଂଶ ଯାହା ନଗଣ୍ୟ । ଏହି କ୍ଷେତ୍ରରେ ଯେତେ ଲୋକ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ ଅଧେଙ୍କୁ ବାହାର କରିଦେଇ ଅନ୍ୟ କ୍ଷେତ୍ରରେ କାମଧନ୍ଦା ଯୋଗାଇଲେ ବରଂ ସେମାନଙ୍କ ଆୟ ବଢ଼ିବ । ଚାଷବାସ ଭଳି ସୀମିତ କ୍ଷେତ୍ରରେ ଅସୀମିତ ଲୋକଙ୍କ ସମ୍ପୃକ୍ତି ସମ୍ପୃକ୍ତ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ । ଓଡ଼ିଶା ସରକାର କୃଷି ବିକାଶର ଡିଣ୍ଡିମ ପିଟୁଥିବାବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଓ ଧାନଭଳି କୃଷିଜାତ ପଦାର୍ଥର ଅଭାବୀ ବିକ୍ରି ଏକ ନିତିଦିନିଆ ଘଟଣା ପାଲଟିଛି । ଯେଉଁ ସାମଗ୍ରୀର ଚାହିଦା ରହିଛି ତାହାକୁ ଚାଷ ନ କରି କେବଳ ଧାନଚାଷରେ ମାତିଲେ ସମସ୍ୟାର ସମାଧାନ ତ ହେବନାହିଁ, ବରଂ ଏହା ବଢ଼ିବ । ରାଜ୍ୟ ସରକାର ଏ ଦିଗପ୍ରତି ଦୃଷ୍ଟିଦେଇ ନୂଆ ନୀତି ପ୍ରଣୟନ କରନ୍ତୁ । ଖାଦ୍ୟଶସ୍ୟ ସହ ଡାଲି, ତୈଳବୀଜ, ପନିପରିବା, ଆଳୁପିଆଜ, ମାଛମାଂସ ଭଳି ବହୁଳ ବ୍ୟବହୃତ ଜିନିଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଆମେ ନିଶଫୁଲାଇ ଚାଲିପାରିବା ଏବଂ ଗର୍ବର ସହ ଆମ କୃଷି ଉପଲବ୍ଧିର କାହାଣୀ କହିପାରିବା ।

# ପ୍ରଦେଶ ଛାତ୍ର କଂଗ୍ରେସର 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତାମାନେ ଏବଂ ଛାତ୍ରଛାତ୍ରୀମାନେ ମହର୍ଷି କଲେଜରୁ ଯାତ୍ରା ଆରମ୍ଭ କରି ରମାଦେବୀ ବିଶ୍ୱବିଦ୍ୟାଳୟ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିକ୍ରମା କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ୟାସିର ନୱାଜଙ୍କ ଆହ୍ୱାନରେ ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ କାର୍ଯ୍ୟକ୍ରମକୁ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆଗେଇ ନିଆଯିବ। ଓଡ଼ିଶାର ସାରା ମଧ ଏହି କାର୍ଯ୍ୟକ୍ରମ ଏବେ ଚାଲିଛି। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ନୱାଜ କହିଥିଲେ ଯେ ଦେଶର ଅଖଣ୍ଡତା ରକ୍ଷା କରିବାପାଇଁ, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବାପାଇଁ, ଦେଶର ସମ୍ପତି ବିକ୍ରିକୁ ରୋକିବା ପାଇଁ ଏବଂ ବିଶେଷ କରି ଘୃଣା, ହିଂସା, ଦ୍ୱେଷକୁ ପରିହାର କରି ଏକ ନୂତନ ଭାରତବର୍ଷର ଗଠନର ପ୍ରଚେଷ୍ଟା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ନବୀନ ସରକାରଙ୍କର ଛାତ୍ର ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଛାତ୍ର ବିଜେଡ଼ିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାପାଇଁ ମୁଖ୍ୟମନ୍ତ୍ରୀ ଚକ୍ରାନ୍ତ କରୁଛନ୍ତି। ଗୋଟିଏ ପଟେ ଚାରିବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ କରାଯାଇଥିଲା ବେଳେ, ଛାତ୍ର ବିଜେଡ଼ି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ୨୨ ବର୍ଷ ଭିତରେ ଛାତ୍ର ବିଜେଡ଼ି ଏକ ନିକମା, ମେରୁଦଣ୍ଡବିହୀନ, ମସ୍ତକ ବିହୀନ, ସ୍ୱାଭିମାନ ରହିତ, ଗୋଡ଼ାଣିଆ, ଅନ୍ଧ, ମୂକ, ବଧିର ସଂଗଠନ ଭାବରେ ରହିଛି। ଏମାନେ କେବେ ଛାତ୍ରସ୍ୱାର୍ଥ ପାଇଁ ସ୍ୱର ଉତୋଳନ କରନ୍ତି ନାହିଁ। କେବଳ ନବୀନବାବୁଙ୍କ ଜୟଜୟକାର କରିବା ଛଡ଼ା ଛାତ୍ର ବିଜେଡ଼ିର ଦ୍ୱିତୀୟ କାର୍ଯ୍ୟ କିଛି ନାହିଁ। ଏମାନେ କେବେ ଆନ୍ଦୋଳନ କରି ରାସ୍ତା ଉପରକୁ ଓହ୍ଲାଇ ନାହାନ୍ତି। ସାରା ରାଜ୍ୟରେ କ୍ୟାମ୍ପସ ଅସୁରକ୍ଷିତ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ପ୍ରାଇଭେଟ କଲେଜର ମାଲିକମାନେ ଶୋଷଣ କରୁଛନ୍ତି। କଲେଜ ଫି ବଢ଼ି ବଢ଼ି ଚାଲିଛି, ର୍ୟାଗିଂ ଚାପରେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ଅଧ୍ୟାପକମାନଙ୍କର ଘୋର ଅଭାବ, ଭିତିଭୂମି ନାହିଁ, ଜାଲ ସାର୍ଟିଫିକେଟରେ ଆଡମିଶନ ହେଉଛି, ଡେଭଲପମେଂଟ ଫଣ୍ଡ ଲୁଟି ନିଆଯାଉଛି। ଆମେ ଆନ୍ଦୋଳନ କରୁଛୁ ମାତ୍ର ଛାତ୍ର ବିଜେଡ଼ି ଚୁପ ବସିଛି। ଏବିଭିପି ମଧ ବିସିଜେଡ଼ି ସହ ହାତ ମିଳାଇଛି। ଅପରପକ୍ଷରେ ବର୍ଷକୁ ନବୀନ ପଟ୍ଟନାୟକ ୨ଲକ୍ଷ ଏବଂ ନରେନ୍ଦ୍ର ମୋଦି ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ଏବେ ଛାତ୍ରଛାତ୍ରୀମାନଙ୍କୁ ଓ ବେକାର ଯୁବକ ଯୁବତୀମାନଙ୍କୁ ଭୂଆଁ ବୁଲାଉଛନ୍ତି। ମହଙ୍ଗାମାଡ଼ ଜନସାଧାରଣଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଖଣି, ରେଳବାଇ, ଏଲଆଇସି, ବିଏସଏନଏଲ, ବନ୍ଦର ଯାହା ସବୁ ଦେଶର ସଂପତି ରହିଛି ସବୁ ଗୋଟି ଗୋଟି କରି ନରେନ୍ଦ୍ର ମୋଦି ନିଜର ବନ୍ଧୁ ଶିଳ୍ପପତିମାନଙ୍କୁ ଦାନ କରିଦେଉଛନ୍ତି। ଘୃଣା, ହିଂସା, ଜାତିବାଦ, ଖାଦ୍ୟ ଓ ପୋଷାକ ଆଧାରରେ ଭାରତକୁ ଭାଗ ଭାଗ କରିବାପାଇଁ ଚକ୍ରାନ୍ତ ଚାଲିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି ଯାହାକି ବିଜେପି ଓ ଆରଏସଏସ ପ୍ରସ୍ତୁତ ଏକ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସମୂହରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଛାତ୍ର କଂଗ୍ରେସ ଛାତ୍ର ଯୋଡ଼ୋ କାର୍ଯ୍ୟକ୍ରମ କରୁଛି। ପ୍ରତ୍ୟେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଂହଚିବା ଆମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, କିରଣ ସାହୁ, ନିହାର ବେହେରା, ସ୍ୱାଗତ କର, ସୁନିଲ ମାଟିଆ, ଜଗଦିଶ ଗଜେନ୍ଦ୍ର, ସ୍ମୃତିରନ ତ୍ରିପାଠୀ, ନିହାର ବେହେରା, ରଣଜିତ ସେନାପତି, କାର୍ତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ବିଭୁତିଭୂଷଣ ମହାପାତ୍ର, ନିଆଜୁଲ ଇସଲାମ, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ମହମ୍ମଦ ସମିଉଲ, ଭାଗ୍ୟଶ୍ରୀ ମହାନ୍ତି, ରାଜଲକ୍ଷ୍ମୀ ସାହୁ, ସ୍ନେହା ଜେନା, ସୌମ୍ୟବ୍ରତ ଷଣ୍ଢ, ସୟଦ ଆଜମ ଅଲ୍ଲୀ, ଆର୍ଯ୍ୟାନ ସାସମଲ, ଅବଦୁଲ ଆବ୍ରାର, ବାସୁଦେବ ନାର୍ଥ ଶର୍ମା, ଅପର୍ଣ୍ଣା ଜେନା, ଲିପ୍ସା ପରିଡ଼ା, ରାଜେଶ୍ୱରୀ ବିଶ୍ୱାଳ, ବାସନ୍ତ ଗାଗରାଇ, ପ୍ରତ୍ୟୁଷ ରଂଜନ ପ୍ରଧାନ ଓ ସୁନିଲ ସାହୁ ଗାନ୍ଧୀ ପ୍ରମୁଖ ବହୁ ଛାତ୍ର ନେତା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ସ୍ୱସ୍ତି ପ୍ରିମିଅମ୍‌ଠାରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ ମୁଖ୍ୟ ଅତିଥି, ସଭାପତି ସୁଭାଷ ଚନ୍ଦ୍ର ମୁଖାର୍ଜୀ, ଉପଦେଷ୍ଟା ଡ. ସଜାଲେନ୍ଦୁ ମାଲକାର, ଉପସଭାପତି ହର୍ଷବର୍ଦ୍ଧନ ଭରଦ୍ୱାଜ ଯୋଗଦେଇ ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସୁଜାତା ରାହାଙ୍କ ଆବାହକତ୍ୱରେ ସଂଗୀତ କାର୍ଯ୍ୟକ୍ରମ ହେବା ସହିତ ମାତୃଭାଷାର ବିକାଶ, ସାମାଜିକ କାର୍ଯ୍ୟକ୍ରମ ପ୍ରମୁଖ ଆଗେଇ ନେବାକୁ କହିଥିଲେ। ସାଧାରଣ ସମ୍ପାଦକ ତପନ କୁମାର ରାହା ବିବରଣୀ ରଖିବା ସହ ସମସ୍ତେ ରାଷ୍ଟ୍ର ପାଇଁ ନିଷ୍ଠା, ସମର୍ପଣ ଭାବ ରଖନ୍ତୁ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୂର୍ବତନ ବିଧାୟକ ଗୋପ ନାରାୟଣ ଦାସଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତଃ ଦାସ କଂଗ୍ରେସ ଦଳର ଜଣେ ଟାଣୁଆ ସଂଗଠକ ଥିଲେ। କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇ ବାଲେଶ୍ୱରର ଜନସାଧାରଣଙ୍କର ସମସ୍ୟାକୁ ବିଧାନସଭାରେ ଦୃଢ଼ ଉପସ୍ଥାପନ କରିବା ଏବଂ ତାର ପ୍ରତିକାର କରିବାରେ ସେ କେବେ ଅବହେଳା କରିନାହାନ୍ତି। ନିଜ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସମସ୍ତଙ୍କ ନିକଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ତାଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିବା ସହ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ଏସେଲସ୍ ପବ୍ଲିକ ସ୍କୁଲ ପକ୍ଷରୁ ଉଡାନ ଓ ଲିଟେରାରୀ କ୍ଲବ ଉଦଘାଟିତ



କଟକ (ପିଏନ୍): କଟକ ସେକ୍ଟର-୯ସ୍ଥିତ ଏସେଲସ୍ ପବ୍ଲିକ ସ୍କୁଲ ଓଡ଼ିଶାର ପ୍ରଥମ ବିଦ୍ୟାଳୟ ଭାବେ ପିଲାମାନଙ୍କ ପାଇଁ ଉଡାନ ଓ ପ୍ରଦର୍ଶ ଶୀର୍ଷକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ରୁହିନା ପ୍ରିୟଦର୍ଶିନୀ ଯୋଗ ଦେଇ ସକାରାତ୍ମକ ଓ ମନସ୍ତାତ୍ତ୍ୱିକ ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ଶହେଜଣ ଅଭିଭାବକ ଯୋଗଦେଇଥିବାବେଳେ ବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପିଲାମାନେ ନିଜ ଦକ୍ଷତା ଓ ନିଜ ଭିତରର ଶ୍ରେଷ୍ଠତାକୁ ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶିକା ଶିକ୍ଷାବିତ୍ ଡକ୍ଟର ମେଘନା ମିଶ୍ର ମତବ୍ୟକ୍ତ କରିଥିଲେ। ସେହିପରି ବିଦ୍ୟାଳୟ ପକ୍ଷରୁ ଲିଟେରାରୀ କ୍ଲବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ତିନିଶହ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ପିଲାମାନଙ୍କର ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ଉନ୍ମୋଚନ କରିବା ଏହି କାର୍ଯ୍ୟକ୍ରମର ମୂଳ ତାତ୍ପର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିବା ସହ ଏହି କ୍ଲବ ବିପୁଳ ସଫଳତା ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday May 07, 2024 ଭୁବନେଶ୍ୱର ମଙ୍ଗଳବାର, ମଇ ୦୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ଼ ତରଫରୁ ଜଳଛତ୍ର କେନ୍ଦ୍ର ସ୍ଥାପନ

ଭୁବନେଶ୍ୱର,(ପି.ଏନ) : ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ଼, କଳିଙ୍ଗନଗର , ଯାଜପୁର ପକ୍ଷରୁ ପୂର୍ବ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ରାଜ୍ୟ ରାଜପଥ ୨୦ ଜିନ୍ଦଲ ମେନଗେଟ ପାର୍କିଙ୍ଗ ନିକଟରେ ଗତ ୨୩ ତାରିଖ ଠାରୁ ଏକ ଜଳଛତ୍ର କେନ୍ଦ୍ର ସ୍ଥାପନ କରାଯାଇଛି । ଏହି ଜଳଛତ୍ର କେନ୍ଦ୍ର କୁ ଉଦ୍ଘାଟନ କରି କାରଖାନା ର ଅର୍ଥ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ସୁନୀଲ ଅଗ୍ରୱାଲ ତୃଷାର୍ତ୍ତ ପଥଚାରୀମାନଙ୍କୁ ଶୁଦ୍ଧ ଓ ଶୀତଳ ପାନୀୟ ଜଳ ବଣ୍ଟନ କରି କହିଲେ ଯେ ଏହି କେନ୍ଦ୍ର ଦ୍ୱାରା ପଥଚାରୀମାନଙ୍କ ସହିତ ବିଭିନ୍ନ କାରଖାନା ରେ କାର୍ଯ୍ୟ କରୁଥିବା ଶ୍ରମିକ ଭାଇ ଭଉଣୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ଏବଂ ଆଗାମୀ ବର୍ଷମାନଙ୍କରେ ଆବଶ୍ୟକତା କୁ ଦେଖି ଅଧିକ ଜଳଛତ୍ର କେନ୍ଦ୍ର ଖୋଲାଯିବ । କାରଖାନାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ତଥା ଠିକାକର୍ମଚାରୀମାନଙ୍କ




ପାଇଁ କାରଖାନାର ବିଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ଜଳଛତ୍ର କେନ୍ଦ୍ର ଉଦଘାଟନ କାର୍ଯ୍ୟକ୍ରମରେ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ରାକେଶ ପାଠକ ଏହି କାର୍ଯ୍ୟକ୍ରମ ଆସନ୍ତା ଜୁନ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହିବ ତଥା ଆଗାମୀ କିଛି ଦିନ ମଧ୍ୟ ରେ ଆଖ ପାଖ ରେ କମ୍ପାନୀ ତରଫରୁ ୨ ଗୋଟି ସ୍ଥାୟୀ ସ୍ୱତଃ ଜଳ ଯୋଗାଣ ମେସିନ ର ସ୍ଥାପନ କରାଯିବ ବୋଲି କହିଥିଲେ, ଏବଂ ମ୍ୟାଟେରିଆଲ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ବାଳକୃଷ୍ଣ ପାଣିଗ୍ରାହୀ, କ୍ରୟ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ବିନୟ ପ୍ରସାଦ ଉପସ୍ଥିତ ରହି ପଥଚାରୀ ମାନଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ ।

## ପରକ୍ରିୟା ପ୍ରୀତି ପାଇଁ ବଳି ପଡୁଛି ଅନେକ ପରିବାର

କାକଟପୁର,(ପି.ଏନ): ପରକ୍ରିୟା ପ୍ରୀତି ଆଜି ସମାଜରେ ଏକ ପ୍ରକାର ବ୍ୟାଧି ସଦୃଶ କ୍ଷ ଏହି ବ୍ୟାଧି ରେ କେତେ ଯେ ପରିବାର ସଂହାର ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହି । କେଉଁଠି ନିରୀହ ଲୋକ ଟିଏ ବଳିପଡିଯାଇଛି ତ କେଉଁଠି ବେସାହାରା ହୋଇଛନ୍ତି ନିର୍ବୋଧ ଶିଶୁ କ୍ଷ ଏହିଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଅସ୍ତରଙ୍ଗ ବ୍ଲକ ଝାଡଲିଙ୍ଗ ଗ୍ରାମରେ । ଝାଡଲିଙ୍ଗ ଗ୍ରାମର ମନୋରଞ୍ଜନ ବେହେରା ଙ୍କ ଝିଅ ଲକ୍ଷ୍ମୀପ୍ରିୟା ଢେଙ୍କାନାଳ ନର୍ଦ୍ଦିଆଳି ଗ୍ରାମର ମଙ୍ଗରାଜ ମହାରଣାଙ୍କ ପୁତ୍ର ମହେନ୍ଦ୍ର ମହାରଣାଙ୍କୁ ୧୫ ବର୍ଷ ପୂର୍ବ ଏକ ଅଜଣା ନମ୍ବରରୁ ପ୍ରେମ କରି ପରିଶେଷରେ ବିବାହ କରିଥିଲେ । ତାଙ୍କ ଦାମ୍ପତ୍ୟ ଜୀବନ ଅତି ଭଲରେ ଚାଲୁଥିବା ବେଳେ ୨ ଜଣଙ୍କ ଔରସରୁ ୨ଟି ଜନ୍ମ ନେଇଛନ୍ତି । କିନ୍ତୁ ମହେନ୍ଦ୍ରଙ୍କ ସାନ ଭାଇର ସାଙ୍ଗ ବିକ୍ରାନ୍ତ ମହେନ୍ଦ୍ର ଙ୍କ ପରିବାରକୁ ପ୍ରବେଶ



କରିବା ପରେ ମହେନ୍ଦ୍ର ଓ ଲକ୍ଷ୍ମୀପ୍ରିୟାଙ୍କ ପରିବାରରେ ମାଡି ଆସିଥିଲା କଳା ବାଦଲ, ମହେନ୍ଦ୍ର ଜଣେ ଟ୍ରକ ଡ୍ରାଇଭର ହୋଇଥିବାବେଳେ ସେ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ସମୟ ଦେଇପାରୁନଥିଲେ, ଏହାର ସୁଯୋଗ ନେଇଥିଲେ ବିକ୍ରାନ୍ତ ।ଲକ୍ଷ୍ମୀପ୍ରିୟା ବିକ୍ରାନ୍ତ ଙ୍କ ସହିତ ସମ୍ପର୍କ ରଖି ବିଭିନ୍ନ ସ୍ଥାନକୁ ଗସ୍ତ କାରି ଅନୈତିକ ସମ୍ପର୍କ ରଖିବାର ସୁରାକ ପାଇଥିଲେ ମହେନ୍ଦ୍ର । ଘରେ ୨ଟି ନିର୍ବୋଧ ଶିଶୁ ଓ ଲକ୍ଷ୍ମୀପ୍ରିୟା ର ପରକ୍ରିୟା ପ୍ରୀତି ମହେନ୍ଦ୍ର ଙ୍କ ଉପରେ ସତେ ଯେମିତି ଆକାଶ ଛିଡ଼ିପଡ଼ିଥିଲା । ଏମାନଙ୍କୁ ଧରିବା ପାଇଁ ମହେନ୍ଦ୍ର ସୁଯୋଗ ଖୋଜୁଥିଲାବେଳେ ଲକ୍ଷ୍ମୀପ୍ରିୟା ବିକ୍ରାନ୍ତ କୁ ଧରି ତାଙ୍କ ନିଜଗ୍ରାମ ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ଝାଡଲିଙ୍ଗ ଗ୍ରାମରେ ପହଞ୍ଚିଥିଲେ । ଖବର ପାଇ ମହେନ୍ଦ୍ର ମଧ ଝାଡଲିଙ୍ଗ ଗ୍ରାମରେ ପହଞ୍ଚି ଲକ୍ଷ୍ମୀପ୍ରିୟାର ପରକ୍ରିୟା ପ୍ରୀତିର ପର୍ଦ୍ଦାଫାଶ କରିବାସହିତ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲେ । ଅପର ପକ୍ଷରେ ଲକ୍ଷ୍ମୀପ୍ରିୟା ମହେନ୍ଦ୍ରଙ୍କ ପରିବାରକୁ ଫେରିବାକୁ ରୋକଠୋକ ମନାକରିଥିବାବେଳେ ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଙ୍କ ନିକଟରେ ଦାବୀ କରିଛନ୍ତି ।

## ପାରାଦୀପରେ କଂଗ୍ରେସ ଜାତୀୟ ପ୍ରବକ୍ତା ପ୍ରଭାତ କୁମାର

ପାରାଦୀପ,(ପି.ଏନ): କଂଗ୍ରେସ୍‌ର ନିର୍ବାଚନ ଇସ୍ତାହାର ଲୋକମାନଙ୍କ ନିକଟରେ ପହଂଚେଇବା ପାଇଁ ଦଳର ଜାତୀୟ ପ୍ରବକ୍ତା ପ୍ରଭାତ କୁମାର ପାରାଦୀପ ଆସିଥିଲେ । ପାରାଦୀପସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପ୍ରଭାତ କୁମାର ପହଂଚିବା ପରେ ପାରାଦୀପ ବିଧାନସଭା ପ୍ରାର୍ଥୀ ନିରଂଜନ ନାୟକ ତାଙ୍କୁ ସ୍ୱାଗତ କରିଥିଲେ । ଦଳୀୟ କର୍ମୀମାନେ ମଧ ଜାତୀୟ ପ୍ରବକ୍ତା ପ୍ରଭାତ କୁମାରଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରିଥିଲେ । ରାଜ୍ୟ ତଥା ଦେଶର ଲୋକମାନଙ୍କୁ ଧୋକା ଦେଉଥିବା ବିଜେଡି ଓ ବିଜେପି ସରକାରକୁ କ୍ଷମତାଚ୍ୟୁତ କରିବାକୁ ପ୍ରଭାତ କୁମାର ନିବେଦନ କରିଥିଲେ । ରାଜନିତୀ ଏସି ରୁମ୍‌ରେ ବସି ହୁଏ ନାହିଁ ବୋଲି ସେ କହିଥିଲେ । ରାଜ୍ୟରେ ନିଯୁକ୍ତି ସୁଯୋଗ ନଥିବାରୁ ଶିକ୍ଷିତ ବେକାର ଯୁବକମାନେ ଦାଦନ ଖଟିବାକୁ ଯାଉଛନ୍ତି । କଂଗ୍ରେସ୍ ଦଳ କ୍ଷମତାକୁ ଆସିଲେ ବେକାର ଯୁବକମାନଙ୍କୁ ନିଯୁକ୍ତିର ଗ୍ୟାରେଣ୍ଟି ଦେବ । ପାରାଦୀପ ଅଂଚଳବାସୀ




ପ୍ରଦୂଷଣରେ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟ କିମ୍ବା କେନ୍ଦ୍ର ସରକାର କେହି ହେଲେ ଏଦିଗରେ ଦୃଷ୍ଟି ନଦେବା ଦୁର୍ଭାଗ୍ୟର ବିଷୟ ବୋଲି ପ୍ରଭାତ କୁମାର କହିଥିଲେ । ପାରାଦୀପବାସୀ ପିଇବାକୁ ପାଣି ପାଉନଥିବା ବେଳେ କେନ୍ଦ୍ର ସରକାରଙ୍କ ସ୍ମାର୍ଟ ବନ୍ଦର କୁଆଡେ ଗଲା ବୋଲି ପ୍ରଭାତ କୁମାର ପ୍ରଶ୍ନ କରିଥିଲେ । କଂଗ୍ରେସ୍ ଦଳରେ ଥିବା ବେଳେ ସ୍ୱର୍ଗତ ବିଜୁ ପଟ୍ଟନାୟକ ପାରାଦୀପଠାରେ ବନ୍ଦର ପ୍ରତିଷ୍ଠା ପାଇଁ ପଣ୍ଡିତ ନେହେରୁଙ୍କୁ ପାରାଦୀପ ଆଣି ତାଙ୍କ କରକମଳରେ ବନ୍ଦର ପ୍ରତିଷ୍ଠା କରିଥିଲେ । ତାଙ୍କ ପୁଅ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୪ ବର୍ଷ ମଧ୍ୟରେ ପାରାଦୀପ ପାଇଁ କଣ କରିଛନ୍ତି ବୋଲି ପଚାରିଥିଲେ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଲୋକସଭା ପ୍ରାର୍ଥୀ ରବିନ୍ଦ୍ର ସେଠୀ, ବିଧାନସଭା ପ୍ରାର୍ଥୀ ନିରଂଜନ ନାୟକ, ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ରାଜ୍ୟ କଂଗ୍ରେସ୍ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ୍ ଚୌଧୁରୀ, ପାରାଦୀପ ପୌରପାଳିକାର ପାରିଷଦ କେଦାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ବାସୁଦେବ ଫାଉଣ୍ଡେସନ୍ ପକ୍ଷରୁ ପରିବେଶିତ ହେବ ଭଗବତ କଥାମୃତ

ପାରାଦୀପ,(ପି.ଏନ): ବାସୁଦେବ ଫାଉଣ୍ଡେସନ୍ ପକ୍ଷରୁ ରବିବାର ଦିନ କୁସୁନପୁର ଶ୍ରୀ ବାସୁଦେବ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସମ୍ପାଦକ ପ୍ରସନ୍ନ କୁମାର ବେଉରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଟ୍ରଷ୍ଟି ପ୍ରଫୁଲ କୁମାର ବେଉରା, ପ୍ରମୋଦ କୁମାର ବେଉରା, ପ୍ରତାପ କୁମାର ବେଉରା, ପ୍ରବୀଣ କୁମାର ବେଉରାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ମହାପ୍ରଭୁଙ୍କ ଦିବ୍ୟ କଥାମୃତ ଆଲୋଚନା କରିଥିଲେ । ଆସନ୍ତା ବୈଶାଖ ମାସ ରୁକ୍ମିଣୀ ଅମାବାସ୍ୟା ତିଥିରେ ସ୍ୱର୍ଗତା ପ୍ରମିଳା ବେଉରାଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପଡୁଥିବାରୁ ସୁଯୋଗ୍ୟ ସନ୍ତାନ ଭାବେ ସେହି ଦିନ ମାଆଙ୍କର ଅମର ଆତ୍ମା ସଦଗତି କାମନା ସହିତ ଶ୍ରଦ୍ଧାଂଜଳୀ ସଭା ଓ ମହାପ୍ରଭୁଙ୍କ ଦିବ୍ୟ କଥାମୃତ ପ୍ରବଚନ ପରିବେଶିତ ହେବ । ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀମାନଙ୍କ ଦ୍ୱାରା ବିଷ୍ଣୁ ସହସ୍ରନାମ ପୁଞ୍ଜ କରାଯିବା ସହିତ କଳ୍ପତରୁ ଆଶ୍ରମର ଅଧ୍ୟକ୍ଷ ତଥା ବରିଷ୍ଠ ସନ୍ଥ ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜଙ୍କ ସମେତ ପୁରୀ ଶ୍ରୀମନ୍ଦିର ସେବାୟତ ବିଶ୍ୱାବସୁ ଦଇତାପତି ବିନାୟକ ଦାସମହାପାତ୍ର, ଗୋବର୍ଦ୍ଧନ ପୀଠ ପୁରୀର ଆଦିତ୍ୟ ବାହିନୀ ରାଷ୍ଟ୍ରୀୟ ମାର୍ଗଦର୍ଶକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଆନ୍ତର୍ଜାତୀୟ ଚାରଣଗୋଷ୍ଠି କଟକ ଜିଲ୍ଲା ସଙ୍ଗଠକ ପଣ୍ଡିତ ଲିଙ୍ଗରାଜ ପତି, ତରଣୀସେନ ଲେଙ୍କା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ପ୍ରମୁଖଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ବୋଲି ବାସୁଦେବ ଫାଉଣ୍ଡେସନ୍ ଟ୍ରଷ୍ଟର ସମ୍ପାଦକ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

## ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା, (ପି.ଏନ): ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଯୋଗେନ୍ଦ୍ର ତ୍ରିପାଠୀ ଏବଂ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ ହିମାଳିନି କାଶ୍ୟପ ଏକ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ସାଧାରଣ ନିର୍ବାଚନ-୨୦୨୪ର ସୁପରିଚାଳନା ଉପରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ମତଦାନ କେନ୍ଦ୍ରରେ ପାନୀୟ ଜଳ, ଟଏଲେଟ୍, ଲାଇଟ୍, ଫ୍ୟାନ୍ ଇତ୍ୟାଦି ସର୍ବନିମ୍ନ ସୁବିଧା, ଭିନ୍ନକ୍ଷମଙ୍କ ପାଇଁ ର୍‍ୟାମ୍ପର ସୁବିଧା ଓ ସକ୍ଷମ ଯାନରେ ଘରୁ ବୁଥ୍‌କୁ ନେବା ଓ ବୁଥ୍‌ରୁ ଘରେ ଆଣି ଛାଡ଼ିବା, ପୋଷ୍ଟାଲ୍ ବାଲାଟ୍, ହୋମ୍ ଭୋଟିଙ୍ଗ୍, ଏମ୍‌ସିଏମ୍‌ସି ରିପୋର୍ଟ, ସି-ଭିଜିଲ୍ ରିପୋର୍ଟ, ବିଭିନ୍ନ ପ୍ରଶିକ୍ଷଣ, ଭେହିକିଲ ମ୍ୟାନେଜ୍‌ମେଂଟ୍, ମ୍ୟାନ୍ ପାୱାର୍ ମ୍ୟାନେଜମେଂଟ୍, ବୁଥ ମ୍ୟାନେଜମେଂଟ୍ ଆଦି ପ୍ରସଙ୍ଗ ଉପରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପଚାରି ବୁଝିଥିଲେ । ସମ୍ବେଦନଶୀଳ ବୁଥ୍‌ରେ ପୋଲିସ୍ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ତଥ୍ୟ ରଖିଥିଲେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ



କଟାରିଆ । ଭଲନେରେବୁଲ୍ ବୁଥ୍‌ମାନଙ୍କର ଅଧିକ ସଂଖ୍ୟକ ପୋଲିସ୍ ମୁତୟନ କରିବାକୁ ଯୋଜନା ରହିଥିବା ବେଳେ ସେହି ଅଂଚଳରେ ବାରମ୍ବାର ଫ୍ଲାଗ୍‌ମାର୍ଚ୍ଚ କରି ଲୋକଙ୍କ ବିଶ୍ୱାସ ପ୍ରଶାସନ ଜିତିପାରିଛି ବୋଲି ଏସପି କହିଥିଲେ । ଭଲ୍‌ନେରେବୁଲ୍ ବୁଥ୍‌ରେ ଲାଇଭ୍ ୱେବ୍‌କାଷ୍ଟିଙ୍ଗ, ସିସିଟିଭି ସର୍ଭେଲାନ୍ସ, ଭିଡିଓଗ୍ରାଫି ଓ ମାଇକ୍ରୋ ଅବଜରଭର୍ ନିଯୁକ୍ତ କରାଯିବ । ସୂଚନାଯୋଗ୍ୟ ମୋଟ୍ ୧୪୪୫ଟି ବୁଥ୍ ମଧ୍ୟରୁ ୬୪ଟି ହେଉଛି ଭଲ୍‌ନେରେବୁଲ୍ । ଅକ୍ଷୟ ତୃତୀୟା ଅବସରରେ ବିଭିନ୍ନ ପ୍ରସ୍ତାବିତ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବାକୁ ସ୍ଥିର କରିଥିବା ବେଳେ ସମସ୍ତ ଦ୍ୱନ୍ଦ୍ୱ ଓ ବିବାଦକୁ ଏଡ଼ାଇବା ପାଇଁ ଅଲଗା ଅଲଗା ସମୟ ଓ ସ୍ଥାନରୁ ରାଲି କରିବାକୁ ପରାମର୍ଶ ଦିଆଯାଇଛି । ଅବକାରୀ ବିଭାଗ ଦ୍ୱାରା ବାରମ୍ବାର ଚଢ଼ାଉ କରାଯାଇ ବେଆଇନ୍ ନିଶା କାରବାରକୁ ରୋକିବା ପାଇଁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ଜିଲ୍ଲାରେ ୧୫ଟି ଫ୍ଲାଇଙ୍ଗ୍ ସର୍ଭେଲାନ୍ସ ଟିମ୍ (ଏଫ୍‌ଏସ୍‌ଟି) କାର୍ଯ୍ୟ କରୁଥିବା ବେଳେ ଏହାର ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ । ଏସ୍‌ଏସ୍‌ଟି ଓ ଭିଏସ୍‌ଟି ବାରମ୍ବାର ଷ୍ଟ୍ରାଟେଜିକ୍ ଲୋକେସନ୍ ପରିବର୍ତ୍ତନ କରି କାର୍ଯ୍ୟ କରିବାକୁ କୁହାଯାଇଛି । ଓଡ଼ିଶା ଇଭିଏମ୍ ଭେହିକିଲ୍ ଟ୍ରାକିଙ୍ଗ୍ ମ୍ୟାନେଜମେଂଟ୍ ସିଷ୍ଟମ୍ ଉପରେ ପଚାରି ବୁଝିଥିଲେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ । ବୈଠକ ପରେ ଇ-ସୁବିଧା କେନ୍ଦ୍ର, କଂଟ୍ରୋଲ୍ ରୁମ୍, ସି-ଭିଜିଲ୍ ଅଭିଯୋଗ କେନ୍ଦ୍ର, ଏକ୍ସପେଣ୍ଡିଚର୍ ମନିଟରିଂ ସେଲ୍ ବୁଲି ଦେଖିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନାରେ ସେମାନେ ସନ୍ତୋଷ ବ୍ୟକ୍ତ କରିବା ସହ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଆଶାବ୍ୟକ୍ତ କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଡିଆଇବି ଡିଏସ୍‌ପି ଲକ୍ଷ୍ମୀ ନାରାୟଣ ତିୱାରୀ, ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡା ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଆର୍‌ଟିଓ, ଏଲ୍‌ଡିଏମ୍, ଡେପୁଟି କଲେକ୍ଟର, ଟିଆର୍‌ଓ, ବିଭିନ୍ନ ଥାନାର ଆଇଆଇସି, ଡିଆଇପିଆର୍‌ଓ ପ୍ରମୁଖ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray